## ବାଇକ୍ ଦୁର୍ଘଟଣାଗ୍ରସ୍ତ, ୩ ଗୁରୁତର

ଲୋଇସିଂହା,(ଡି.ଏନ.ଏ): ବଲାଙ୍ଗୀର ଜିଲା ଲୋଇସିଂହା-ପଦ୍ମପୁର ରାସ୍ତାର କନ୍ଦାକୁରୀ ଛକରେ ବାଇକ ଦୁର୍ଘଟଣାରେ ଗୁରୁବାର ୩ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ବଲାଙ୍ଗୀର ଜିଲା ବନ୍ଧପଡା ଥାନା ସତୀଘାଟର ତେଜରାଜ ବରିହା, ଜଗନ୍ନାଥ ବରିହା ଓ ଚାଙ୍ଗରୁ ପ୍ରଧାନ। ଲୋଇସିଂହା ଅଗ୍ନିଶମ ବାହିନୀ କର୍ମଚାରୀ ଗୁରୁତରଙ୍କୁ ଉଦ୍ଧାର କରି ଲୋଇସିଂହା ଡାକ୍ତରଖାନରେ ଭର୍ତ୍ତି କରିଥିଲେ । ବାଇକ(ନଂ.ଓଡି୧୭ ୬୫୦୮)ରେ ଉପରୋକ୍ତ ୩ଜଣ ଯାକ କରକଟିଆ ଛକରୁ ଲୋଇସିଂହା ପଟକୁ ଆସୁଥିଲେ । ଭାରସାମ୍ୟ ହରାଇବା ପରେ ସେମାନେ ବାଇକ ସହ ରାସ୍ତାପାର୍ଶ୍ୱ ପିଲର ଖୁଣ୍ଟରେ ପିଟି ହୋଇଯାଇଥିଲେ ।

# ସଂକ୍ଷେପରେ

## ଏକମା ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



ବଡ଼ଗାଁ,୭।୧୦(ଡି.ଏନ.ଏ.): ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ଏକମା ଗ୍ରାମରେ ସ୍ଥାନୀୟ ସିଦ୍ଧି ବିନାୟକ କ୍ଲବ ପକ୍ଷରୁ ଆୟୋଜିତ ପଞ୍ଚ ଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଗୁରୁବାର ଉଦ୍‌ଘାଟିତ ହୋଇଛି। ୩୨ଟି ଟିମ୍ ଅଂଶଗ୍ରହଣ କରିଥିବା ଏହି ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନୀ ମ୍ୟାଚ କୁତ୍ରା ଫ୍ରେଣ୍ଡସ କ୍ଲବ ଓ ଏକମା ବି.ଟିମ୍ ମଧ୍ୟରେ ହୋଇଥିଲା। ଏକମା ଟିମ୍ ୧-୦ ଗୋଲରେ ବିଜୟୀ ହୋଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ବ୍ଲକ ଶିକ୍ଷା ଅଧିକାରୀ ହରେକୃଷ୍ଣ ପୁରୋହିତ, ସ୍ଥାନୀୟ ସରପଞ୍ଚ ଚିତ୍ରସେନ ମାଝି, ଜିଲା ବିଜେଡି ସଂପାଦକ ଦେବାଶିଷ ପୁରୋହିତ ଅତିଥି ଭାବେ ଯୋଗଦେଇ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଜେଡି ବ୍ଲକ ସଭାପତି ଦେବାଶିଷ ମିଶ୍ରଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଜର୍ସି ଓ ବୁଟ୍ ଏକମା ଗ୍ରାମର ୨ଟି ଟିମକୁ ବଣ୍ଟନ କରାଯାଇଥିଲା। ରମେଶ ମାଝି, ବିକ୍ରମ ସିଂ, ରାଜେଶ ଛତ୍ରିଆ, ଖେଳ ପରିଚାଳନା କରୁଥିବା ବେଳେ ଆୟୋଜକ କର୍ମକର୍ତ୍ତା କଳିଙ୍ଗ ଲାକ୍ରା, ଶିଶିର ଲାକ୍ରା, ନବୀନ ମାଝି ବିଭିନ୍ନ କାର୍ଯ୍ୟ ତୁଲାଇଛନ୍ତି। ଏହି ଟୁର୍ଣ୍ଣାମେଣ୍ଟର ଚାମ୍ପିୟନ, ରନର୍ସ, ତୃତୀୟ, ଚତୁର୍ଥ ସ୍ଥାନ ପାଇଥିବା ଟିମ୍‌କୁ ଯଥାକ୍ରମେ ୨୦, ୧୫, ୭, ୭ ହଜାର ଟଙ୍କା ପୁରସ୍କୃତ କରାଯିବ।

## ଫୁଟବଲ: ସୁବର୍ଣ୍ଣପାଲି ଚାମ୍ପିୟନ

ଦେବଗଡ଼,୭।୧୦(ଡି.ଏନ.ଏ): ଦେବଗଡ଼ ଜିଲା ତିଲେଇବଣି ବ୍ଲକ ସଡୋ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଡଙ୍ଗାପଥର ଗ୍ରାମରେ ଜୟ ଶ୍ରୀରାମ ଯୁବକ ସଂଘ ଆନୁକୂଲ୍ୟରେ ବୁଧବାରଠାରୁ ଆରମ୍ଭ ହୋଇଥିବା ୨ଦିନିଆ ଫୁଟବଲ ପ୍ରତିଯୋଗିତା ଗୁରୁବାର ଉଦଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାର ଫାଇନାଲ ମ୍ୟାଚରେ ଘୁଷୁରାଗୁଡା ଫୁଟବଲ ଦଳକୁ ୧-୦ଗୋଲରେ ପରାସ୍ତ କରି ସୁବର୍ଣ୍ଣପାଲି ଫୁଟବଲ ଦଳ ଚାମ୍ପିୟନ ହୋଇଛି । ଫାଇନାଲ ମ୍ୟାଚକୁ ରେଫରୀ ଭାବେ ପଦ୍ମଚରଣ ଗୁରୁ, ତନ୍ମୟ ପ୍ରଧାନ ଓ ଝସକେତନ ପ୍ରଧାନ ପରିଚାଳନା କରିଥିଲେ। ଅପରାହ୍ନରେ ଆୟୋଜକ ଜୟ ଶ୍ରୀରାମ ଯୁବକ ସଂଘର ସଭାପତି ପ୍ରଶାନ୍ତ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଉଦଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ ଦେବଗଡ ଜିଲା କଂଗ୍ରେସ ସଭାପତି ଉମାଶଙ୍କର ସାହୁ ମୁଖ୍ୟଅତିଥି, ରଘୁନାଥ ଦେହୁରୀ ଓ ଅଚ୍ୟୁତାନନ୍ଦ ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ସୁବର୍ଣ୍ଣପାଲି ଫୁଟବଲ ଦଳ ଓ ରନର୍ସ ଅପ୍ ଘୁଷୁରାଗୁଡା ଫୁଟବଲ ଦଳକୁ ଟ୍ରଫି ସହ ନଗଦ ଅର୍ଥ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟତମ ଅତିଥି ଭାବେ ରଞ୍ଜନ କୁମାର ଦେହୁରୀ, କିଶୋର କୁମାର ନାୟକ, ଲିକନ କୁମାର ଟପ୍ପୋ ଓ ଦୀପକ କୁମାର ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରତିଯୋଗିତା ଆୟୋଜନରେ ଆୟୋଜକ ଜୟ ଶ୍ରୀ ରାମ ଯୁବକ ସଂଘର ସମ୍ପାଦକ ସ୍ୱପ୍ନେଶ୍ୱର ପ୍ରଧାନ, ଧୃରେନ ଦେହୁରୀ, କୀର୍ତ୍ତନ ପ୍ରଧାନ ଓ ରମେଶ ଓରାମଙ୍କ ସମେତ ସମସ୍ତ ସଦସ୍ୟ ସକ୍ରିୟ ସହଯୋଗ କରିଥିଲେ।

# ୧୨ ଲକ୍ଷର ୱାଟର ଏଟିଏମ୍ ଅଚଳ

ରାଉରକେଲା ଅଫିସ,୭।୧୦

ରାଉରକେଲା ସରକାରୀ ଡାକ୍ତରଖାନା (ଆର୍‌ଜିଏଚ୍) ପରିସରରେ ଥିବା ୱାଟର ଏଟିଏମ୍ ୩ବର୍ଷ ହେଲା ଅଚଳ ହୋଇ ପଡି ରହିଛି। ଫଳରେ ୧୨ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏହି ପ୍ରକଳ୍ପ ଲୋକଙ୍କର କୌଣସି କାମରେ ଆସୁନାହିଁ। ଏହାକୁ

■ବିଶୁଦ୍ଧ ପାଣି ପାଇଁ ଲୋକେ ହଇରାଣ

■୩ବର୍ଷ ପରେ ବି ସଚଳ ହେଲାନି

ନେଇ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ଆର୍‌ଜିଏଚ ରାଉରକେଲା ସହରର ଏକ ପ୍ରମୁଖ ଡାକ୍ତରଖାନା। ଏଠାକୁ ପଡୋଶୀ ରାଜ୍ୟ ଛତିଶଗଡ଼ ଓ ଝାଡ଼ଖଣ୍ଡରୁ ବହୁ ରୋଗୀ ଚିକିତ୍ସିତ ହେବାକୁ ଆସନ୍ତି। ଡାକ୍ତରଖାନା ପରିସରରେ ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳଯୋଗାଣ ପାଇଁ ସ୍ଥାନୀୟ ପ୍ରଶାସନ




ଆରଜିଏଚ୍ ପରିସରରେ ଥିବା ଅଚଳ ୱାଟର ଏଟିଏମ୍।

ପକ୍ଷରୁ ୨୦୧୭ ଡିସେମ୍ବର ୨୧ରେ ୧୨ ଲକ୍ଷ ଟଙ୍କା ବ୍ୟୟରେ ଏକ ୱାଟର ଏଟିଏମ୍ ବସାଯାଇଥିଲା। ଏହି ଏଟିଏମରେ ଟଙ୍କାଟିଏ ଭର୍ତ୍ତି କଲେ ଏକ ଲିଟର ଥଣ୍ଡା ବିଶୁଦ୍ଧ ଜଳ ମିଳୁଥିଲା। ୱାଟର ଏଟିଏମ୍‌ର ରକ୍ଷଣାବେକ୍ଷଣ ଦାୟିତ୍ୱ ରାଉରକେଲା ମହାନଗର ନିଗମ ହାତରେ ଥିଲା। ତେବେ ବର୍ଷେ ନ ପୂରୁଣୁ ଏହା ଅଚଳ ହୋଇଗଲା। ଫଳରେ ଏଠାକୁ ଆସୁଥିବା ଲୋକେ ବିଶୁଦ୍ଧ ପାନୀୟ ଜଳ ନ ପାଇ



“ ୱାଟର ଏଟିଏମ୍‌ର ପୁନରୁଦ୍ଧାର ପାଇଁ ଦାବି ସତ୍ତ୍ୱେ ଏହା କାର୍ଯ୍ୟକାରୀ ହୋଇ ପାରିନାହିଁ। ପ୍ରଶାସନର ଉଦାସୀନତା ଯୋଗୁ ସହରରେ ବିଶୁଦ୍ଧ ପାନୀୟ ଜଳ ସହ ବହୁ ଉନ୍ନତିମୂଳକ କାର୍ଯ୍ୟ ହୋଇ ପାରୁନାହିଁ।

**ରବି ରାୟ, ପିସିସି ରାଜ୍ୟ ସମ୍ପାଦକ ।**



“ ଆରଜିଏଚ୍ ସହରର ଏକ ପ୍ରମୁଖ ଡାକ୍ତରଖାନା। ଏଠାରେ ୩ବର୍ଷ ହେଲା ୱାଟର ଏଟିଏମ ଅଚଳ ହୋଇ ପଡିରହିଛି। ଏହାକୁ ତୁରନ୍ତ ପୁନଃ କାର୍ଯ୍ୟକ୍ଷମ କରିବା ନେଇ ସ୍ଥାନୀୟ ପ୍ରଶାସନ ଦୃଷ୍ଟି ଦେବା ଆବଶ୍ୟକ।

**ସଞ୍ଜୟ ମହାନ୍ତି, ଯୁବ ସମାଜସେବୀ ।**



“ ଆରଜିଏଚ୍ ପରିସରରେ ଅଚଳ ୱାଟର ଏଟିଏମ୍‌କୁ ଯଥାଶୀଘ୍ର କାର୍ଯ୍ୟକ୍ଷମ କରାଯିବ। ସେହିପରି ସହରର ୧୫ଟି ସ୍ଥାନରେ ବିଶୁଦ୍ଧ ପାନୀୟ ଜଳ ପୋଷ୍ଟ ନିର୍ମାଣ ହେବ ବୋଲି ନିଷ୍ପତ୍ତି ହୋଇଛି। ଏହି ପୋଷ୍ଟ ନିର୍ମାଣ ହେଲେ ଖରାଦିନେ ଆଉ ସହରବାସୀ ଜଳଛତ୍ର ଉପରେ ନିର୍ଭର କରିବେ ନାହିଁ।

**ଦିବ୍ୟଜ୍ୟୋତି ପରିଡ଼ା, ଆର୍‌ଏମ୍‌ସି କମିଶନର**

ପାଇଁ ହଇରାଣ ହେଲେ। ଅନ୍ୟପକ୍ଷେ ଏଟିଏମ୍ ଅଚଳ ହୋଇଥିଲେ ମଧ୍ୟ ସେଠାରେ କୌଣସି କୌଣସି ସୂଚନା ଫଳକ ଲଗାଯାଇ ନ ଥିଲା। ଫଳରେ ବହୁ ଲୋକ ଉକ୍ତ ୱାଟର ଏଟିଏମରେ ପାଣି ପାଇବା ପାଇଁ ଟଙ୍କା ଭର୍ତ୍ତି କରିଥିଲେ ମଧ୍ୟ ଏଟିଏମ ଭିତରୁ ଟଙ୍କା ବାହାରି ନ ଥିବା ଅଭିଯୋଗ ହୋଇଥିଲା। ମାତ୍ର ସ୍ଥାନୀୟ ଡାକ୍ତରଖାନା କର୍ତ୍ତୃପକ୍ଷ ଏ ନେଇ କୌଣସି ଦୃଷ୍ଟି ଦେଇ ନ ଥିଲେ। ସେହିପରି ସ୍ଥାନୀୟ ପ୍ରଶାସନର ଅବହେଳା ଯୋଗୁ ୩ ବର୍ଷ ଧରି ଏହି ୱାଟର ଏଟିଏମଟି ଭଗ୍ନ ଓ ଅଚଳ ଅବସ୍ଥାରେ ପଡ଼ି ରହିଛି।

## ରେଡକ୍ରସ୍ ସୋସାଇଟିର ସଚେତନତା ଶିବିର

ରାଉରକେଲା ଅଫିସ,୭।୧୦

ସେକ୍ଟର-୪ ସ୍ଥିତ ରାଉରକେଲା କଲେଜଠାରେ ଇଣ୍ଡିଆନ ରେଡକ୍ରସ ସୋସାଇଟି ଓଡିଶା ଶାଖା ପକ୍ଷରୁ ୩ଦିନିଆ କ୍ଲଷ୍ଟରସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କଲେଜ ଅଧକ୍ଷା ପ୍ରଫେସର ସୁଜାତା ପ୍ରଧାନଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ଜିଲା ଯୁବ ରେଡ଼କ୍ରସ ସମ୍ପାଦକ ପିତାମ୍ବର ବେହେରା ମୁଖ୍ୟଅତିଥି, ସଂଯୋଜକ ସୁମନ୍ତ କୁମାର ଦ୍ୱିବେଦୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅଗ୍ନିଶମ ବିଭାଗର ସହ ପଦାଧିକାରୀ କମଳ କୁମାର ଗୌଡ଼ ଓ ତାଙ୍କ ଟିମ୍ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଆତ୍ମରକ୍ଷା କୌଶଳ ଉପରେ ଅବଗତ କରାଇଥିଲେ। ସେହିପରି ଆରଜିଏଚ ବ୍ଲଡ ବ୍ୟାଙ୍କର ପରାମର୍ଶଦାତା ଡାକ୍ତର ଏମ୍. ସୋରେନ ରକ୍ତଦାନ ଉପରେ ଆଲୋକପାତ କରିଥିଲେ। ବିଭିନ୍ନ କଲେଜର ଛାତ୍ରୀଛାତ୍ର ଅଂଶଗ୍ରହଣ କରି ବକ୍ତୃତା, ଚିତ୍ରାଙ୍କନ, ପ୍ରବନ୍ଧ ପ୍ରତିଯୋଗିତାରେ ଭାଗ ନେଇଥିଲେ ଏବଂ କୃତୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ପ୍ରଫେସର ସୁଜାତା ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ।

## ଇଣ୍ଡିଆନ ପଟାସ୍ ଲିମିଟେଡ ପକ୍ଷରୁ ଫର୍ଟିଲାଇଜର ତାଲିମ ଶିବିର

ସୁନ୍ଦରଗଡ, ୭।୧୦(ଡି.ଏନ୍.ଏ.)

ଆଜାଦୀ କା ଅମୃତ ମହୋତ୍ସବ ଅବସରରେ ଇଣ୍ଡିଆନ ପଟାସ ଲିମିଟେଡ ପକ୍ଷରୁ ସୁନ୍ଦରଗଡସ୍ଥିତ ମାର୍କଫେଡ କ୍ୟାମ୍ପସରେ ଡାଇରେକ୍ଟ ବେନିଫିଟ ଟ୍ରାନ୍ସଫର (ଡିବିଟି) ଫର୍ଟିଲାଇଜର ତାଲିମ ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାର ସମସ୍ତ ସାର ବିକ୍ରେତା ଅଂଶଗ୍ରହଣ କରିଥିଲେ। ଏହି ଶିବିରରେ ଜିଲା ମୁଖ୍ୟ କୃଷି ଅଧିକାରୀ ରାମଚନ୍ଦ୍ର ନାଏକ ଯୋଗଦେଇ ଚାଷୀମାନଙ୍କୁ କିପରି ଉଚିତ ସମୟରେ ସାର ଯୋଗାଇ ଦିଆଯାଇପାରିବ ସେନେଇ ଆଲୋଚନା କରିଥିଲେ। ଏଥିସହିତ ଫସଲରେ ସଠିକ ପରିମାଣ ଓ ଠିକ ସମୟରେ ସାର ପ୍ରଦାନ କରିବା ପାଇଁ ଚାଷୀମାନଙ୍କୁ ତାଲିମ ଦିଆଯାଇଥିଲା। ଏହି ଅବସରରେ ଡିଆରସିଏସ ରଶ୍ମିଲତା ବେହେରା, ଆଇପିଏଲ ସହକାରୀ ପରିଚାଳକ ରଣଜିତ୍ ସାମଲ,ଆଇପିଏଲ କ୍ଷେତ୍ର ଅଧିକାରୀ ସୁନୀଲ କୁମାର, ମାର୍କଫେଡ ଏରିଆ ମ୍ୟାନେଜର ଶିଶିର ପ୍ରଧାନଙ୍କ ସମେତ କୃଷି ବିଭାଗର ସମସ୍ତ ଅଧିକାରୀ, ସମବାୟ ସମିତିର କର୍ମଚାରୀ ଏବଂ ଚାଷୀ ଉପସ୍ଥିତ ଥିଲେ ।

# ବରସୁଆଁ ସେଲ୍ ଫାଟକ ଆଗରେ ଧାରଣା




ଧାରଣା ଦେଇଥିବା ଗାଡି ମାଲିକ ଓ କର୍ମଚାରୀ ।

ଲହୁଣୀପଡ଼ା,୭।୧୦(ଡି.ଏନ.ଏ.)

ବିଭିନ୍ନ ଦାବି ନେଇ ବରସୁଆଁ ସେଲ୍ ଫାଟକ ସମ୍ମୁଖରେ ଗାଡି ମାଲିକ ଓ କର୍ମଚାରୀଙ୍କ ପକ୍ଷରୁ ଗୁରୁବାର ଧାରଣା ଦିଆଯାଇଥିଲା। ଦାବି ପୂରଣର ପ୍ରତିଶ୍ରୁତି ମିଳିବା ପରେ ଧାରଣା ପ୍ରତ୍ୟାହାର ହୋଇଛି। ପ୍ରକାଶ ଯେ, ଲହୁଣୀପଡ଼ା ବ୍ଲକ ଶସ୍ୟକଳା ପଞ୍ଚାୟତ ଅନ୍ତର୍ଗତ ବରସୁଆଁ ଓ ଟେନସାର ଅନେକ ଗାଡି ମାଲିକ ସେଲ୍ ପରିଚାଳିତ ତାଳଡ଼ିହି ଲୌହ ଖଣିରୁ ଲୁହାପଥର ପରିବହନ କରି ବରସୁଆଁ ସେଲ୍ ସାଇଡିଂକୁ ଆଣିଥିଲେ। କିନ୍ତୁ ଦୀର୍ଘ ଚାରି ମାସ ହେବ ତାଳଡ଼ିହି ଖଣିର ନାରାୟଣୀ ସନ୍ସ ପ୍ରାଇଭେଟ ଲିମିଟେଡ଼ ଗାଡି ଭଡା ନ ଦେଇ ବିଭିନ୍ନ ଆଳ ଦେଖାଇ ଆସୁଥିବାରୁ ଗାଡି ମାଲିକ, ଚାଳକ, ଖଲାସୀ, ଟ୍ରାନ୍ସପୋର୍ଟର କର୍ମଚାରୀଙ୍କ ମନରେ ଅସନ୍ତୋଷ ଲାଗି ରହିଛି । ଏଣୁ ବକେୟା ଗାଡି ଭଡା ପାଇବା ଦାବିରେ ଉପଜିଲାପାଳ, ଲହୁଣୀପଡ଼ା ଥାନା ଅଧିକାରୀ, ସେଲ୍ କର୍ତ୍ତୃପକ୍ଷ, ଏସଡିପିଓ, ଏନଏସଆଇପିଏଲ ନିର୍ଦ୍ଦେଶକଙ୍କୁ ଲିଖିତ ଭାବେ ଜଣାଇଥିଲେ। କିନ୍ତୁ ପ୍ରଶାସନ କୌଣସି ପଦକ୍ଷେପ ଗ୍ରହଣ ନ କରିବାରୁ ଗାଡି ଭଡା ପାଇବା, ଷୋହଳ ଚକିଆ ଗାଡି ଓ ବାହାର ଗାଡି ବନ୍ଦ କରିବା ଦାବିରେ ବରସୁଆଁ ସେଲ୍ ଫାଟକ ଠାରେ ଧାରଣା ଦେଇଥିଲେ। ବରସୁଆଁ ଟିପ୍ପର ଓନର ଆସୋସିଏଶନର କର୍ମକର୍ତ୍ତା ଶସ୍ୟକଳା ସରପଞ୍ଚ ଶୁଶିଳା ଟପୋ, ପୂର୍ବତନ ସରପଞ୍ଚ ମଧୁ ନାଏକ, ବଜରଙ୍ଗ ଅଗ୍ରୱାଲ, ରମେଶ ସ୍ୱାଇଁ, ପ୍ରସନ୍ନ ନାଏକ, ପ୍ରବୋଧ ପ୍ରଧାନ, ରମେଶ ନାୟକଙ୍କ ସମେତ ଟ୍ରାନ୍ସପୋର୍ଟର, ଗାଡି ମାଲିକ ଧାରଣାରେ ବସିଥିଲେ। ସନ୍ଧ୍ୟାରେ ଟେନ୍‌ସା ଫାଣ୍ଡି ଅଧିକାରୀ ଅଶୋକ ବେହେରା ଓ ଏନଏସଆଇପିଏଲର ପ୍ରଶାନ୍ତ ସିହ୍ନା, ଅମିତ କୁମାର ପହଞ୍ଚି ଧାରଣାକାରୀଙ୍କ ସହିତ ଦୀର୍ଘ ସମୟ ଆଲୋଚନା କରି ଦାବି ପୂରଣର ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା ।

# ୮ ଶହ ଲିଟର ଦେଶୀ ମଦ ଜବତ



ଅବକାରୀ ବିଭାଗ ଜବତ କରିଥିବା ମଦ ଓ ମହୁଲ ପୋଚ ।

ରାଉରକେଲା ଅଫିସ,୭।୧୦

ରାଉରକେଲା ଅବକାରୀ ପୋଲିସ ପକ୍ଷରୁ ଗୁରୁବାର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଛି। ଏହି ଚଢ଼ାଉ ସମୟରେ ୮ ଶହ ଲିଟର ଦେଶୀମଦ ଓ ୨୨ ହଜାର କେଜି ମହୁଲ ପୋଚ ଜବତ ହୋଇଛି। ଅବକାରୀ ପୋଲିସ ମହୁଲ ପୋଚକୁ ନଷ୍ଟ କରିଦେଇଛି। ବୀରମିତ୍ରପୁର ଓ ହାତିବାରୀ ଥାନା ଅନ୍ତର୍ଗତ କରିଛାପଲ, ଅଙ୍କୁରପାଲୀ, କେମାଙ୍ଗ, ଟଙ୍କଟୋଲା, ରେଙ୍ଗାଳି ଆଦି ଗାଁରେ ଏହି ଚଢ଼ାଉ କରାଯାଇଥିଲା। ଅବକାରୀ ସୁପରିଣ୍ଟେଣ୍ଡେଣ୍ଟ ଶେଖ ଅଶ୍ରଫ ଅଲ୍ଲୀଙ୍କ ନିର୍ଦ୍ଦେଶକ୍ରମେ ମାଜିଷ୍ଟ୍ରେଟ୍ ଅଭିଜିତ ମହନ୍ତଙ୍କ ଉପସ୍ଥିତିରେ ଅବକାରୀ ଇନ୍ସପେକ୍ଟର ସ୍ନେହଲତା ନାୟକ, ଏସ୍‌ଆଇ ଶ୍ରୀଧର ମହାନ୍ତି, ମାନସ ମୁଣ୍ଡା ଓ ରମାକାନ୍ତ ଚାନ୍ଦ ପ୍ରମୁଖ ଚଢାଉରେ ସାମିଲ ହୋଇଥିଲେ।

# ସ୍ୱଚ୍ଛତା ଅଭିଯାନରେ ଆର୍‌ଏସ୍‌ପି

ରାଉରକେଲା ଅଫିସ,୭।୧୦

ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି)ର ସ୍ୱଚ୍ଛତା ସ୍ୱାଭିମାନ କାର୍ଯ୍ୟକ୍ରମ ସେକ୍ଟର-୫ ସ୍ଥିତ ଗୋଲଘର ଅଞ୍ଚଳରେ କରାଯାଇଛି। ଏହି ଅବସରରେ ଆର୍‌ଏସ୍‌ପିର କର୍ମଚାରୀ ଉକ୍ତ ଅଞ୍ଚଳର ଡ୍ରେନ, ରାସ୍ତା ଓ ଅଳିଆ ଆବର୍ଜନା ସ୍ଥାନକୁ ସଫା କରିଥିଲେ। ଗୋଲଘର ଅଞ୍ଚଳରେ ପରିବେଶକୁ ସ୍ୱଚ୍ଛ ଓ ସବୁଜ କରିବା ପାଇଁ ରାସ୍ତାକଡ଼ରେ ବୃକ୍ଷରୋପଣ କରାଯାଇଥିଲା। ଏଥିରେ କାରଖାନାର ଏସଏମଏସ-୨ ବିଭାଗର ସିନିୟର ଟେକ୍ନିସିଆନ ବସନ୍ତ କୁମାର ସାମଲ, ଲୋକ ସମ୍ପର୍କ ବିଭାଗର ସିନିୟର ଟେକ୍‌ନିସିଆନ ନିରଞ୍ଜନ ଧଳ, ପ୍ଲେଟମିଲ ବିଭାଗର ଅପରେଟର ଶୁଶୀଲ ସେଠୀ ଓ ବିନୋଦ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।



ସ୍ଥାନୀୟ ସେଚ୍ଛାସେବୀମାନଙ୍କୁ ନେଇ ୨୧ ଜଣିଆ କମିଟି ଗଠନ କରାଯାଇଥିଲା।

# ସୁନ୍ଦରଗଡ଼ ଜିଲାର ପ୍ରଥମ ମହିଳା ଆଇଏଏସ୍‌ଙ୍କୁ ସମ୍ବର୍ଦ୍ଧନା

ସୁନ୍ଦରଗଡ଼,୭।୧୦(ଡି.ଏନ.ଏ.)

ସୁନ୍ଦରଗଡ ଜିଲାର ପ୍ରଥମ ମହିଳା ଭାବେ ଭାରତୀୟ ପ୍ରଶାସନିକ ସେବା (ଆଇଏଏସ) ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଡାକ୍ତର ରୀନା ପ୍ରଧାନଙ୍କୁ ଗୁରୁବାର ବିଜେଡି ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଉପଲକ୍ଷେ ବିଜେଡି ବରିଷ୍ଠ ନେତା ଜୟନାରାୟଣ ତ୍ରିପାଠୀ ଓ ପୂର୍ବତନ ନଗରପାଳ ବେଣୁଧର ତାଣ୍ଡିଆଙ୍କ ଉଦ୍ୟମରେ ସ୍ଥାନୀୟ ସର୍କିଟ ହାଉସଠାରେ ଏକ ସଭା ହୋଇଥିଲା। ଜିଲାର ବାଲିଶଙ୍କରା ବ୍ଲକ କୁସୁମୁରା ଗ୍ରାମର ଝିଅ ଡାକ୍ତର ପ୍ରଧାନଙ୍କୁ ଏହି ସଭାରେ ସମ୍ବର୍ଦ୍ଧିତ ଦିଆଯାଇଥିଲା। ଏହି ଅବସରରେ ରୀନା କହିଥିଲେ ଯେ, ଡାକ୍ତର ହୋଇ ଲୋକଙ୍କ ସେବା କରୁଥିଲି। ଏବେ ଭଗବାନ ମତେ ଭାରତୀୟ ପ୍ରଶାସନିକ ସେବା ପରୀକ୍ଷାରେ ସଫଳ କରାଇ ତୃଣମୂଳ ସ୍ତରରୁ ଲୋକଙ୍କ ସେବା କରିବାର ସୁଯୋଗ ଦେଇଛନ୍ତି । ଏହି ସୁଯୋଗକୁ ସୁଚାରୁ ରୂପେ ପାଳନ କରି ସୁନ୍ଦରଗଡ ଜିଲା ଓ ରାଜ୍ୟକୁ ଗୌରବାନିତ କରିବି ବୋଲି ସେ କହିଥିଲେ ! ସଭାରେ ତାଙ୍କ ବାପା ଧରଣୀଧର ପ୍ରଧାନ, ମା କଲ୍ୟାଣୀ, ସାନ ଭାଇ ଆଶିଷ ରଞ୍ଜନ ଉପସ୍ଥିତ ଥିଲେ। ଏହାଛଡା ବିଜେଡିର ରାଜ୍ୟ ସାଧାରଣ ସମ୍ପାଦକ ଯୋଗେଶ ସିଂ, ଜିଲା ବିଜେଡି ସଭାପତି ବିନୟ ଟପ୍ପୋ, ବରିଷ୍ଠ ନେତା ଜୟ ନାରାୟଣ ତ୍ରିପାଠୀ, ହରଜେନ୍ଦ୍ର ସିଂ, ପୂର୍ବତନ ନଗରପାଳ ବେଣୁଧର ତଣ୍ଡିଆ, ଜିଲା ବିଜେଡି ମହିଳା ସଭାପତି ରଞ୍ଜନା ପଣ୍ଡା, ଜିଲା ଛାତ୍ର ବିଜେଡି ସଭାପତି ସେହେବାଜ ହୁସେନ ପ୍ରମୁଖ ଉପସ୍ଥିତ ଥିଲେ ।



ଡା. ରୀନା ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

## ନିଖିଳ ଉତ୍କଳ ଖଣ୍ଡାୟତ ସମାଜ ବୈଠକ

ରାଉରକେଲା ଅଫିସ,୭।୧୦

ନିଖିଳ ଉତ୍କଳ ଖଣ୍ଡାୟତ କ୍ଷତ୍ରିୟ ସମାଜର ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ନବମୀ ଦିନ ଖଡ୍‌ଗ ପୂଜା ପାଇଁ ଧାର୍ଯ୍ୟ କରାଯାଇଥିଲା। କୋଭିଡ୍ ଗାଇଡ୍‌ଲାଇନ ଅନୁସାରେ ଖଡ୍‌ଗ ପୂଜା ପାଇଁ ଉକ୍ତ ଦିନ ସକାଳ ୧୦ଟାରେ ନିଜର ପୂଜା ଖଣ୍ଡା ଆଣି ସନ୍ଧ୍ୟା ସୁଦ୍ଧା ନେଇଯିବା ପାଇଁ ସ୍ଥିର କରାଯାଇଛି। ସରକାରଙ୍କ କଟକଣା ଦୃଷ୍ଟିରୁ ଖଡ୍‌ଗ ଶୋଭାଯାତ୍ରାକୁ ସ୍ଥଗିତ ରଖାଯାଇଥିବା ସାଧାରଣ ସମ୍ପାଦକ ଶଶଧର ପାତ୍ର ସୂଚନା ଦେଇଛନ୍ତି।

# ଦୁର୍ଘଟଣାଗ୍ରସ୍ତ ମହିଳାଙ୍କୁ ୨.୫ ଲକ୍ଷ ବୀମାରାଶି ପ୍ରଦାନ

ରାଉରକେଲା ଅଫିସ, ୭।୧୦

ରାଉରକେଲା ବାସନ୍ତୀ କଲୋନୀ ସ୍ଥିତ ସୁନ୍ଦରଗଡ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କର ମହିଳା ଶାଖା ପକ୍ଷରୁ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସ୍ୱୟଂ ସହାୟକ ଗୋଷ୍ଠୀର ଜଣେ ଦୁର୍ଘଟଣାଗ୍ରସ୍ତ ମହିଳା ସଦସ୍ୟାଙ୍କୁ ୨.୫ ଲକ୍ଷ ଟଙ୍କାର ବୀମାରାଶି ପ୍ରଦାନ କରାଯାଇଛି। ଉଦିତନଗର ସ୍ଥିତ କୁମ୍ଭାରପଡାର ମା' ମଙ୍ଗଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଚମେଲୀ ରଜକ ଟ୍ରେନ୍‌ରେ ଯାତ୍ରା କରୁଥିବା ବେଳେ ଦୁର୍ଘଟଣାଗ୍ରସ୍ତ ହୋଇ ଗୋଟିଏ ଗୋଡ ହରାଇଥିଲେ। ବ୍ୟାଙ୍କ ପକ୍ଷରୁ ରଜକଙ୍କ ପାଇଁ ଜେପିଏ ଯୋଜନାରେ ଜୀବନ ବୀମା କରାଯାଇଥିଲା। ମହିଳା ଶାଖାର ପରିଚାଳକ ମୀରା ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଇସ୍ପାତ ସହରାଞ୍ଚଳ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମହାସଂଘ ଉପଦେଷ୍ଟା ରମାକାନ୍ତ ରଥ ଯୋଗ ଦେଇ ବ୍ୟାଙ୍କ ପକ୍ଷରୁ ରଜକଙ୍କୁ ୨.୫ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରିଥିଲେ। ସୁନ୍ଦରଗଡ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କର ମୁଖ୍ୟ ଶାଖା ପରିଚାଳକ ତାରାଚାନ୍ଦ ପଟ୍ଟନାୟକ, ମିଶନ ଶକ୍ତି ବ୍ଲକ ପ୍ରକଳ୍ପ ସଂଯୋଜିକା ପ୍ରତିଭା ଲାକ୍ରା, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମହାସଂଘର ସଭାନେତ୍ରୀ ଆଶାମଣି ଦାସ, ଉପସଭାନେତ୍ରୀ ଚନ୍ଦ୍ରପ୍ରଭା ବିଶୋୟୀ, ସାଧାରଣ ସମ୍ପାଦିକା ଗାୟତ୍ରୀ ରାଉତ, ଯୁଗ୍ମ ସମ୍ପାଦିକା ପୁଷ୍ପା ସାହୁ, ରେବତୀ ଜେନା, ରଶ୍ମିତା ମହାରଣା, ଲକ୍ଷ୍ମୀ ଛତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ ।




ଚେକ୍ ପ୍ରଦାନ ବେଳେ ଦୁର୍ଘଟଣାଗ୍ରସ୍ତ ମହିଳା ଓ ବ୍ୟାଙ୍କ ଅଧିକାରୀ ଉପସ୍ଥିତ ।

# ପ୍ରେମିକଙ୍କ ମା'ଙ୍କୁ ଟାଙ୍ଗିଆରେ ହାଣି ହତ୍ୟା

ଦେବଗଡ଼,୭।୧୦(ଡି.ଏନ.ଏ)

■ଝିଅକୁ ପ୍ରେମ କଲେ ବୋଲି ଆକ୍ରମଣ

■ପ୍ରେମିକ ଗୁରୁତର, ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର

ଝିଅକୁ ଅନ୍ୟ ଜାତିର ଯୁବକ ପ୍ରେମ କଲେ ବୋଲି ନାବାଳିକା ପ୍ରେମିକାଙ୍କ ପରିବାର ଲୋକେ ପ୍ରେମିକଙ୍କ ମା'ଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରିଛନ୍ତି। ଏହାସହ ଟାଙ୍ଗିଆ ମାଡ଼ରେ ଗୁରୁତର ହୋଇଥିବା ପ୍ରେମିକଙ୍କୁ ଚିକିତ୍ସା ପାଇଁ ବୁର୍ଲା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ଦେବଗଡ ଥାନା ଅନ୍ତର୍ଗତ ଗାଡପାଳ ଗ୍ରାମରେ। ବୁଧବାର ବିଳମ୍ବିତ ରାତ୍ରିରେ ନାବାଳିକା ପ୍ରେମିକାଙ୍କ ବାପା, ମା' ଓ ୪ଭାଇ ପ୍ରେମିକଙ୍କ ଘରେ ପଶି ତାଙ୍କୁ ଟାଙ୍ଗିଆରେ ହାଣି ହତ୍ୟା ଉଦ୍ୟମ କରିଥିଲେ। ମାତ୍ର ପୁଅକୁ ବଞ୍ଚାଇବାକୁ ଯାଇ ମା' ଟାଙ୍ଗିଆ ଚୋଟରେ ଜୀବନ ହାରିଛନ୍ତି। ମୃତା ମହିଳା ହେଲେ ଡରୋଥିଆ କୁଲୁ। ପୋଲିସ ଏହି ଘଟଣାରେ ନାବାଳିକାଙ୍କ ବାପା, ମା' ଏବଂ ୪ ଭାଇଙ୍କୁ ଅଟକ ରଖି ପଚରାଉଚରା କରୁଛି।

ପୋଲିସ ସୂଚନା ଅନୁସାରେ, ଉକ୍ତ ନାବାଳିକାଙ୍କ ସହ ଗାଡପାଳ ଗ୍ରାମର ପ୍ରିତମ କୁଲୁଙ୍କ ପ୍ରେମ ସମ୍ପର୍କ ଥିଲା। ଉଭୟେ ଭିନ୍ନ ଜାତିର ହୋଇଥିବାରୁ ନାବାଳିକାଙ୍କ ପରିବାର ଲୋକେ ବିବାହ ପାଇଁ ସମ୍ମତି ଦେଇ ନ ଥିଲେ । ବୁଧବାର ସନ୍ଧ୍ୟାରେ ପ୍ରିତମ ଓ ଉକ୍ତ ନାବାଳିକା ଏକାଠି ବସି ଗପୁଥିବା ସୂଚନା ପାଇଥିଲେ। ପରେ ନାବାଳିକାଙ୍କ ପରିବାର ଲୋକେ ପ୍ରୀତମଙ୍କ ଘରେ ପଶି ତାଙ୍କୁ ଟାଙ୍ଗିଆରେ ହାଣି ହତ୍ୟା ଉଦ୍ୟମ କରିଥିଲେ। ଏହା ଦେଖି ପ୍ରିତମଙ୍କ ମା' ଡରୋଥିଆ କୁଲୁ ପୁଅକୁ ବଞ୍ଚାଇବାକୁ ଉଦ୍ୟମ କରିବାରୁ ସେମାନେ ତାଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ଆକ୍ରମଣରେ ଡରୋଥିଆ ଓ ପ୍ରିତମଙ୍କ ମୃତ୍ୟୁ ଘଟିଥିବା ଭାବି ଅଭିଯୁକ୍ତମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଏ ନେଇ ପ୍ରିତମଙ୍କ ଭଉଣୀ ପ୍ରୀୟା କୁଲୁ ଫୋନ ଯୋଗେ ନିଜର ସମ୍ପର୍କୀୟ ଓ ପଡୋଶୀଙ୍କୁ ସୂଚନା ଦେବାରୁ ସେମାନେ ସେଠାକୁ ଆସି ପ୍ରିତମ ଓ ଡରୋଥିଆଙ୍କୁ ଆମ୍ବୁଲାନ୍ସ ଯୋଗେ ଦେବଗଡ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ଡରୋଥିଆଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି ଗୁରୁତର ପ୍ରିତମଙ୍କୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସୂଚନା ପାଇ ଦେବଗଡ ଏସ୍‌ଡିପିଓ ପ୍ରତ୍ୟୁଷ କୁମାର ମହାପାତ୍ର ସଦଳବଳ ଘଟଣାସ୍ଥଳକୁ ଯାଇ ଆକ୍ରମଣକାରୀଙ୍କୁ ଥାନାକୁ ଆଣି ପଚରାଉଚରା କରିଛନ୍ତି। ଗୁରୁବାର ସକାଳେ ଦେବଗଡ ଆଦର୍ଶ ଥାନାରେ ଏ ନେଇ ଅଭିଯୋଗ ହେବା ପରେ ପୋଲିସ ମାମଲା ରୁଜୁ କରିବା ସହ ଅଧିକ ତଦନ୍ତ ପାଇଁ ଡଗ୍ ସ୍କ୍ୱାଡ୍ ଓ ସାଇଣ୍ଟିଫିକ ଟିମ୍‌ର ସହାୟତା ନେଇଛି। ଅନ୍ୟପକ୍ଷେ ପ୍ରେମିକା ଜଣକ ଜୀବନ ବଞ୍ଚାଇବା ପାଇଁ ବୁଧବାର ରାତ୍ରିରୁ ତାଙ୍କ ଘରଠାରୁ ପ୍ରାୟ ୨କିମି ଦୂର ଜଙ୍ଗଲରେ ଲୁଚି ରହିଥିବା ସୂଚନା ମିଳିବା ପରେ ଗୁରୁବାର ଅପରାହ୍ନରେ ତାଙ୍କୁ ଜଙ୍ଗଲ ମଧ୍ୟରୁ ଉଦ୍ଧାର କରାଯାଇଛି। ତଦନ୍ତ ଶେଷ ହେବା ପରେ ଗିରଫ ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯିବ ବୋଲି ଏସ୍‌ଡିପିଓ ମହାପାତ୍ର ସୂଚନା ଦେଇଛନ୍ତି। ତେବେ ପ୍ରେମିକା ଜଣକ ପ୍ରକୃତରେ ସାବାଳିକା ନା ନାବାଳିକା ସେ ନେଇ ମଧ୍ୟ ତଦନ୍ତ ଜାରି ରହିଛି ବୋଲି ସେ ପ୍ରକାଶ କରିଛନ୍ତି।

## ସମ୍ବଲପୁର ରେଳ ମଣ୍ଡଳକୁ ୪ ଦକ୍ଷତା ସିଲ୍ଡ

ସମ୍ବଲପୁର,(ବ୍ୟୁରୋ): ସମ୍ବଲପୁର ରେଳ ମଣ୍ଡଳ ୪ଟି ଦକ୍ଷତା ସିଲ୍ଡ ହାସଲ କରିଛି। ଭୁବନେଶ୍ୱରଠାରେ ଆୟୋଜିତ ୬୬ତମ ରେଳ ସପ୍ତାହ ବାର୍ଷିକ ପୁରସ୍କାର ବିତରଣୀ ଉତ୍ସବରେ ସମ୍ବଲପୁର ରେଳ ମଣ୍ଡଳର ମେକାନିକାଲ, ଇଲେକ୍ଟ୍ରିକାଲ ଏନର୍ଜି ମେନେଜମେଣ୍ଟ, ରାଜଭାଷା ଓ ହଣ୍ଡପ୍ଲାକୁ ସର୍ବଶ୍ରେଷ୍ଠ ସ୍ୱଚ୍ଛ ଷ୍ଟେଶନ ଭାବେ ପୁରସ୍କୃତ କରାଯାଇଛି। ପୂର୍ବତଟ ରେଳପଥ ମହାପ୍ରବନ୍ଧକ ବିଦ୍ୟାଭୂଷଣଙ୍କଠାରୁ ସମ୍ବଲପୁର ମଣ୍ଡଳ ରେଳ ପ୍ରବନ୍ଧକ (ଡିଆର୍‌ଏମ୍) ପ୍ରଦୀପ କୁମାର ସିଲ୍ଡ ଗ୍ରହଣ କରିଥିଲେ। ଏହି ସଫଳତା ସକାଶେ ସମସ୍ତ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କ କଠିନ ପରିଶ୍ରମକୁ ଡିଆର୍‌ଏମ୍ ଶ୍ରେୟ ଦେଇଛନ୍ତି।

**ସଂକ୍ଷେପରେ**

## ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ: ଜମାଦାରପାଲି, ଅଇଁଠାପାଲି ବିଜୟୀ

**ସମ୍ବଲପୁର,୭।୧୦(ବ୍ୟୁରୋ):** ସମ୍ବଲପୁର ଜିଲା କ୍ରୀଡା ସଂଘ ଆୟୋଜିତ ଡା.ସନାତନ ବେହେରା ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟ ଗୁରୁବାର ମ୍ୟାଚରେ ଜମାଦାରପାଲି ଏକାଦଶ ଓ ଅଇଁଠାପାଲି ବିଜୟୀ ହୋଇଛନ୍ତି। ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ପ୍ରଥମ ମ୍ୟାଚ ଜମାଦାରପାଲି ବନାମ ରେଢାଖୋଲ କ୍ରୀଡା ସଂଘ ମଧରେ ହୋଇଥିଲା। ଏଥିରେ ଜମାଦାରପାଲି ୧-୦ ଗୋଲରେ ବିଜୟୀ ହୋଇଥିଲା । ସେହିପରି ଦ୍ୱିତୀୟ ମ୍ୟାଚରେ ଅଇଁଠାପାଲି ୨-୦ ଗୋଲରେ କୁଚିଣ୍ଡା କ୍ରୀଡା ସଂଘକୁ ପରାସ୍ତ କରିଥିଲା। ଯୋଗେନ୍ଦ୍ର ଓରାମ, ରାଜାରାମ ଓରାମ, କାର୍ତ୍ତିକ ଓରାମ, ପଦ୍ମନାଭ ନାଏକ, ଲକ୍ଷ୍ମଣ କୁମାର ନାଥ, ବଲରାମ ମଟାରୀ ଓ କର୍ଣ୍ଣ ବେହେରା ଖେଳ ପରିଚାଳନା କରିଥିଲେ । ଫୁଟବଲ ସମ୍ପାଦକ ଅବଦୁଲ ଗଫାରଙ୍କ ପରିଚାଳନାରେ ପୁରସ୍କାର ପ୍ରଦାନ କରାଯାଇଥିଲା । ଜିଲା କ୍ରୀଡା ସମ୍ପାଦକ ଦୁଲାଲ ଚନ୍ଦ୍ର ପ୍ରଧାନ, ଅଧାପକ ସୁନୀଲ କୁମାର ସାହୁ, ବିଶ୍ୱଜିତ ପଣ୍ଡା, ସୟଦ ଜିନ୍ଦା, ବିଭୂତି ମିଶ୍ର ଅତିଥି ଭାବେ ଯୋଗଦେଇଥିଲେ ।

## ୮ ଶିଶୁଙ୍କୁ ଚିକିତ୍ସା ପାଇଁ ପଠାଇଲା ଆର୍‌ବିଏସ୍‌କେ

**ଝାରସୁଗୁଡ଼ା ଅଫିସ,୭।୧୦:** ଲଖନପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅନ୍ତର୍ଗତ ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ (ଆର୍‌ବିଏସ୍‌କେ) ତରଫରୁ ଗତ ମଙ୍ଗଳବାର ୮ଜଣ ଜନ୍ମଗତ ହୃଦ୍‌ରୋଗ ଶିଶୁଙ୍କ ଅସ୍ତ୍ରୋପଚାର ପାଇଁ ରାୟପୁର ପଠାଯାଇଛି। ୪ ଶିଶୁ ଲଖନପୁର ବ୍ଲକ୍ ଓ ବାକି ୪ଜଣ ବେଲପାହାଡ ପୌରାଞ୍ଚଳର ବୋଲି ଜଣାପଡିଛି। ଏହି ଶିଶୁମାନଙ୍କୁ ରାୟପୁରସ୍ଥିତ ନାରାୟଣ ହୃଦାଳୟ ମଲ୍ଟି ସ୍ପେସାଲିଷ୍ଟ ହସ୍ପିଟାଲରେ ମାଗଣା ଅସ୍ତ୍ରୋପଚାର କରାଯିବ। ଆର୍‌ବିଏସ୍‌କେ ଜିଲା ପରିଚାଳକ ରାଜେଶ ପଟେଲଙ୍କ ତତ୍ତ୍ୱାବଧାନରେ ଏକ ପ୍ରତିନିଧି ଦଳ ଶିଶୁ ଓ ତାଙ୍କ ପରିବାର ସଦସ୍ୟଙ୍କୁ ଧରି ରାୟପୁର ଯାଇଛନ୍ତି। ପ୍ରତିନିଧି ଦଳରେ ଡାକ୍ତର ସୁବ୍ରତ ପ୍ରଧାନ, ଫାର୍ମାସିଷ୍ଟ ଅଶ୍ୱିନୀ ସାହୁ ଓ ମହେଶ୍ୱର ମିଶ୍ର ରହିଛନ୍ତି।

## କଲେଜରେ ବିଶ୍ୱ ବନ୍ୟପ୍ରାଣୀ ସପ୍ତାହ

**ନାକଟିଦେଉଳ,୭।୧୦(ଡ଼ି.ଏନ.ଏ.):** ନାକଟିଦେଉଳ ବ୍ଲକ ବାଟଗାଁ କଲେଜରେ ନାକଟିଦେଉଳ ବନାଞ୍ଚଳ ପକ୍ଷରୁ କଲେଜର ସବୁଜ ବାହିନୀ ଆନୁକୂଲ୍ୟରେ ଗୁରୁବାର ବିଶ୍ୱ ବନ୍ୟପ୍ରାଣୀ ସପ୍ତାହ ପାଳିତ ହୋଇଯାଇଛି। ଏହି ଅବସରରେ କଲେଜ ପରିସରରେ ଛାତ୍ରୀଛାତ୍ରଙ୍କ ମଧରେ ଚିତ୍ରାଙ୍କନ, ବକ୍ତୃତା, ସ୍ଲୋଗାନ ଲିଖନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏଥିରେ ୬୦ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଆୟୋଜିତ ସଭାରେ କଲେଜ ଅଧକ୍ଷ ରମେଶ କୁମାର ଅଗ୍ରୱାଲ ସଭାପତିତ୍ୱ କରିଥିଲେ। ନାକଟିଦେଉଳ ବନାଞ୍ଚଳ ଅଧିକାରୀ ଅଶ୍ୱିନୀ କୁମାର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ବିଶ୍ୱ ବନ୍ୟପ୍ରାଣୀ ସପ୍ତାହ ସମ୍ପର୍କରେ ଆଲୋକପାତ କରିଥିଲେ। ରାଜନୀତି ବିଜ୍ଞାନ ଅଧାପକ ପ୍ରଫୁଲ୍ଲ କୁମାର ପ୍ରଧାନ ପ୍ରାରମ୍ଭିକ ସୂଚନା ଓ ଇଂରାଜୀ ଅଧାପକ ପତିତ ମହାନନ୍ଦ ଧନ୍ୟବାଦ ଦେଇଥିଲେ। ବାଟଗାଁ ଫରେଷ୍ଟର ଅନିଲ କିସାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଏସ୍‌ଏମ୍‌ସି ଅଫିସ ଘେରିଲା ଯୁବ କଂଗ୍ରେସ

ସମ୍ବଲପୁର,୭।୧୦(ବ୍ୟୁରୋ): ସମ୍ବଲପୁର ମହାନଗର ନିଗମରେ ବିଭିନ୍ନ ସମସ୍ୟା ନେଇ ଗୁରୁବାର ଯୁବ କଂଗ୍ରେସ ଏସ୍‌ଏମ୍‌ସି ଅଫିସ ଘେରାଉ କରିଥିଲା। ପରେ କର୍ମକର୍ତ୍ତାମାନେ କମିଶନରଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ସେମାନେ ଅଭିଯୋଗ କରିଥିଲେ, ଏସ୍‌ଏମ୍‌ସି ଜନସାଧାରଣଙ୍କୁ ମୌଳିକ ସୁବିଧା ମିଳିପାରୁନାହିଁ। ପ୍ରମୁଖ ବ୍ୟବସାୟ ସ୍ଥଳ ଗୋଲବଜାର ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କାମ ବନ୍ଦ ହୋଇପଡିଛି। ମୁଦିପଡା-କୁଞ୍ଜେଲପଡା ରାସ୍ତାର ଧୋବିଯୋର ନାଳରେ ନିର୍ମାଣାଧୀନ ବ୍ରିଜ କାମ ସମ୍ପୂର୍ଣ୍ଣ ହୋଇପାରିଲା ନାହିଁ। ସେହିପରି ଅଗ୍ନିଶମ ବିଭାଗ ଅଫିସ ନିକଟରେ ଟାଉନ ହଲ ନିର୍ମାଣ ହେଉଥିବାବେଳେ ବୈଷୟିକ ତ୍ରୁଟି ଥିବା ଦର୍ଶାଇ ବନ୍ଦ କରି ଦିଆଗଲା। ଡ୍ରେନ ମରାମତି ଓ ସଫେଇ ଠିକ୍ ଭାବେ ହେଉ ନାହିଁ। ପିଇବା ପାଣି, ବିଦ୍ୟୁତ୍ ଆଦି ସମସ୍ୟା ଶୀଘ୍ର ସମାଧାନ ନ ହେଲେ ଆନ୍ଦୋଳନ କରାଯିବ। ଯୁବ କଂଗ୍ରେସ ସଭାପତି ମୋହନ ସାଙ୍କ ନେତୃତ୍ୱରେ ଆଶୁତୋଷ ସ୍ୱାଇଁ, ପ୍ଲାବନ ବହିଦାର, ସୁମୀତ ଷଡଙ୍ଗୀ, ରେଣୁ କରିମ, ଅଂଶୁମାନ ନନ୍ଦ, କ୍ରାନ୍ତି ମୁଖୀ, ବିଜୟ ଭୂୟାଁ, ସରୋଜ ମିଶ୍ର, ପ୍ରମୋଦ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଚାଷୀଙ୍କୁ ବିପଦ ସ୍କ୍ରବ୍ ଟାଇଫସ୍ ରୋଗ

ସମ୍ବଲପୁର,୭।୧୦(ବ୍ୟୁରୋ)

ଚାଷରେ ଏବେ ବିଭିନ୍ନ ପ୍ରକାର ରୋଗପୋକ ପ୍ରାଦୁର୍ଭାବ ଦେଖାଦେଉଛି। ଚାଷୀମାନେ ନିଜ ଫସଲ ବଞ୍ଚାଇବାକୁ ଯାଇ ଉପର ପୋକ ପାଇଁ କ୍ଷେତରେ ଔଷଧ ସିଞ୍ଚନ କରୁଥିବାବେଳେ ଗଛତଳ ପୋକ ପାଇଁ ବିଲରେ ପାଣି ଭରି ରଖୁଛନ୍ତି। ହେଲେ ଏବେ କ୍ଷେତରେ ଦେଖାଦେଉଥିବା ବିଷାକ୍ତ ପୋକ (ବୁଢିଆଣୀ ସଦୃଶ) ଚାଷୀଙ୍କ ପାଇଁ ବିପଦ ସୃଷ୍ଟି କରିଛି। ଏହି ପୋକ କାମୁଡ଼ିଲେ ସ୍କ୍ରବ୍ ଟାଇଫସ୍ ରୋଗ ସଂକ୍ରମଣ ଭୟ ରହୁଛି। ସମ୍ବଲପୁର କୃଷି ବିଭାଗ ପକ୍ଷରୁ ଏହି ରୋଗ ଓ ନିରାକରଣ ଉପରେ ସଚେତନତା କରାଯାଉଛି ।

ବିଷାକ୍ତ ପୋକ ପ୍ରାୟ ସବୁଜ ପତ୍ରରେ ରହନ୍ତି। ବିଭିନ୍ନ ପ୍ରକାର ଚାଷରେ ଏହା ଦେଖାଯାଆନ୍ତି। ଜଙ୍ଗଲରେ ମଧ ରହନ୍ତି। ତେଣୁ ଜଙ୍ଗଲକୁ ଯାଉଥିବା ବନ କର୍ମଚାରୀ ଓ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରି ପରିବାର ଚଳାଉଥିବା ବ୍ୟକ୍ତିବିଶେଷ ଏ ନେଇ ସଚେତନ ହେବା ଆବଶ୍ୟକ। ମୁଖ୍ୟତଃ ଏହି ପୋକ ଲୋକଙ୍କୁ କାମୁଡ଼ିଲେ ରକ୍ତରେ ବିଷାକ୍ତ ଅଂଶ ମିଶିଯାଏ। ମ୍ୟାଲେରିଆ ଭଳି ରୋଗ ହୋଇଥିବାରୁ ରକ୍ତ ପରୀକ୍ଷା କଲେ ଜଣାପଡିଥାଏ। ଜ୍ୱର ହେବା, ପେଟ ଦରଜ, ମୁଣ୍ଡ ବ୍ୟଥା, ପରିସ୍ରା ବନ୍ଦ ହୋଇଯିବା ଭଳି ଲକ୍ଷଣ ଦେଖାଯାଇଥାଏ। ଏହା ଦେଖାଦେଲେ ତୁରନ୍ତ ଡାକ୍ତରଙ୍କ ସହ ପରାମର୍ଶ କରିବାକୁ ପଡିବ। ସଂକ୍ରମଣ ଅଧିକ ହେଲେ ରକ୍ତଚାପ, କିଡ୍‌ନୀ ଏପରି କି ହାର୍ଟ ସମସ୍ୟା ଦେଖାଦେଇଥାଏ। ଏହା ଦ୍ୱାରା ଶରୀରର କୌଣସି ଅଙ୍ଗ ନଷ୍ଟ ହେବା ଆଶଙ୍କା ରହିଥାଏ। ଚିକିତ୍ସା କଲେ ସୁସ୍ଥ ହୋଇପାରିବ। ସେମିତି ଭୟ କରିବାର ନାହିଁ ବୋଲି ସ୍ଥାନୀୟ କୃଷି ବିଭାଗ ସଚେତନ କରୁଛି। ପଶ୍ଚିମ ଓଡ଼ିଶାର ଅନେକ ଚାଷୀ ରୋଗରେ ପୀଡିତ ହୋଇ ମୃତ୍ୟୁବରଣ କରିଛନ୍ତି। କିଛିଦିନ ପୂର୍ବରୁ ବରଗଡ ଜିଲା ଟାମ୍ପରସରା ଗ୍ରାମର ଜଣେ ଚାଷୀଙ୍କ ମୃତ୍ୟୁ ଘଟିଥିବା ସୂଚନା ରହିଛି। ତେଣୁ ଚାଷୀମାନେ ଶରୀରକୁ ସମ୍ପୂର୍ଣ୍ଣ ଭାବେ ଘୋଡାଇ କ୍ଷେତକୁ ଯାଆନ୍ତୁ ବୋଲି ସଚେତନ କରାଯାଉଛି। ଭିମ୍‌ସାର ନିର୍ଦ୍ଦେଶକ ପ୍ରଫେସର ଲଳିତ ମେହେର କହିଛନ୍ତି, ରୋଗକୁ ଠିକ୍ ସମୟରେ ଚିହ୍ନଟ କରି ଚିକିତ୍ସା କରିବା ଏକମାତ୍ର ଉପାୟ। ନ ହେଲେ ଜୀବନ ହାନି ହେବାର ଆଶଙ୍କା ରହିଥାଏ। ଏହି ପୋକ ସବୁଜ ପତ୍ରରେ ରହନ୍ତି। ତେଣୁ ଚାଷୀମାନଙ୍କୁ ଅଧିକ ବିପଦ ରହୁଛି। ମ୍ୟାଲେରିଆ ଭଳି ରୋଗ ହୋଇଥିବାରୁ ଅଧିକ କ୍ଷତିକାରକ। ଶରୀରର କୌଣସି ସ୍ଥାନକୁ କାମୁଡ଼ିଲେ ଲାଲ ରଙ୍ଗ ହୋଇ କ୍ଷତ ସୃଷ୍ଟି ହୋଇଥାଏ। ଏହା ଅନ୍ୟ ଅଙ୍ଗକୁ ସଂକ୍ରମଣ କରି ନଷ୍ଟ କରିଦେଇଥାଏ। ଭିମ୍‌ସାରକୁ ସମ୍ବଲପୁର ସମେତ ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲାରୁ ରୋଗୀମାନେ ଆସୁଛନ୍ତି। ଅନେକ ରୋଗୀ ଚିକିତ୍ସିତ ହୋଇ ଘରକୁ ଫେରିଛନ୍ତି। ଏ ସମ୍ପର୍କରେ ସଠିକ ସୂଚନା ନାହିଁ। ହେଲେ ୪ ମାସରେ ଶତାଧିକ ରୋଗୀ ଚିକିତ୍ସା ପାଇଁ ଆସିଛନ୍ତି ବୋଲି ସେ କହିଥିଲେ।



■ଶୀଘ୍ର ଚିକିତ୍ସା ଏକମାତ୍ର ଉପାୟ
■ଭିମ୍ସାରରେ ଚିହ୍ନଟ ହେଉଛନ୍ତି ରୋଗୀ

## ବସ୍‌ରୁ ଖସିପଡ଼ି ହେଲ୍‌ପର ମୃତ

ଜମନକିରା, ୭।୧୦(ଡି.ଏନ.ଏ.)

ଜମନକିରା ବ୍ଲକ୍ କୁଚିଣ୍ଡା ଥାନା ଅନ୍ତର୍ଗତ କେନାଡ଼ିପା ନିକଟ ରାସ୍ତାରେ ବସ୍‌ରୁ ଖସିପଡି ହେଲପରଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଅନୁଗୋଳ ଜିଲା ଛେଣ୍ଡିପଦା ଥାନ ଅଞ୍ଚଳର ସଞ୍ଜୟ ବେହେରା (୨୬)। ସୂଚନା ଅନୁଯାୟୀ ବୁଧବାର ସନ୍ଧ୍ୟାରେ ଝାରସୁଗୁଡ଼ାରୁ ପାଟମେଶ୍ୱରୀ (ଓଡ଼ି୧୫ଏଫ୍-୯୫୧୨) ନାମକ ଏକ ଘରୋଇ ବସ୍ ଜମନକିରା ଆସୁଥିଲା। କେନାଡ଼ିପା ନିକଟ ବୁଲାଣିରେ ହେଲପର ସଞ୍ଜୟ ଗେଟ ଦେଇ ଛିଟିକି ପଡ଼ି ବସ୍ ଚକ ତଳେ ଚାପି ହୋଇଯାଇଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କୁ ବଞ୍ଚାଇବାକୁ ଚେଷ୍ଟାକରି ବସ୍‌ଟି ଭାରସାମ୍ୟ ହରାଇ ରାସ୍ତା କଡ଼କୁ ଓଲଟି ପଡ଼ିଥିଲା। ଦୁର୍ଘଟଣା ପରେ ଚାଳକ ଓ କଣ୍ଡକ୍ଟର ଫେରାର ହୋଇଯାଇଥିଲେ। ଏଥିରେ ବସ୍ ଯାତ୍ରୀଙ୍କର କୌଣସି କ୍ଷତି ହୋଇନାହିଁ। କୁଚିଣ୍ଡା ପୋଲିସ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଗୁରୁବାର ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ କୁଚିଣ୍ଡା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## କଳା ସଂସ୍କୃତି ସଂଘ ଉପସଭାପତିଙ୍କ ବହିଷ୍କାର ଦାବି

ଝାରସୁଗୁଡ଼ା ଅଫିସ,୭।୧୦

ଝାରସୁଗୁଡ଼ା ଜିଲା କଳା ସଂସ୍କୃତି ସଂଘର ଉପସଭାପତି ସୁରଙ୍ଗ ପ୍ରଧାନଙ୍କ କାର୍ଯ୍ୟକୁ ନେଇ ଜିଲାର ଶତାଧିକ କଳାକାର ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଅସନ୍ତୋଷ ପ୍ରକାଶ କରିଛନ୍ତି। ସେମାନେ ଜିଲା କଳା ସଂସ୍କୃତି ସଂଘର ସଭାପତି ଜିଲାପାଳ ସରୋଜ କୁମାର ସାମଲଙ୍କୁ ଭେଟି ଉପସଭାପତି ପ୍ରଧାନଙ୍କ ମନମୁଖ୍ୟ କାର୍ଯ୍ୟକୁ ନେଇ ଫେରାଦ ହୋଇଛନ୍ତି। କଳାକାରମାନେ ଜିଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗକରି ଉପସଭାପତି ପ୍ରଧାନଙ୍କ ବହିଷ୍କାର ଦାବି କରିଛନ୍ତି। ସେମାନେ ଅଭିଯୋଗ କରିଛନ୍ତି, ସଂଘ ତରଫରୁ ଜିଲାରେ ଯେଉଁ କାର୍ଯ୍ୟକ୍ରମ ହେଉଛି ସେ ସମ୍ପର୍କରେ ଉପସଭାପତି ବ୍ଲକ୍ କାର୍ଯ୍ୟକର୍ତ୍ତାଙ୍କୁ ସୂଚନା ଦିଆଯାଉ ନାହିଁ। ଫଳରେ କଳାକାରମାନେ ବିଭିନ୍ନ ସୁବିଧା ସୁଯୋଗରୁ ବଞ୍ଚିତ ହେଉଛନ୍ତି। ଗତ ୨ତାରିଖ ଗାନ୍ଧୀ ଜୟନ୍ତୀ ଅବସରରେ ପଞ୍ଚଗାଁରେ ଜିଲା କଳା ସଂସ୍କୃତି ସଂଘ ତରଫରୁ ଏକ କାର୍ଯ୍ୟକ୍ରମ ହୋଇଥିଲା । ଏସମ୍ପର୍କରେ ଜିଲାର କୌଣସି କଳାକାରଙ୍କୁ ସୂଚନା ଦିଆଯାଇ ନ ଥିଲା। ଏଥିରେ ଯେଉଁ ସରକାରୀ ଅର୍ଥ ବ୍ୟୟ ହୋଇଛି ତାହା ଅସଦ୍ ବିନିଯୋଗ ହୋଇଛି ବୋଲି ଅଭିଯୋଗରେ ଦର୍ଶାଯାଇଛି। ଏହାର ତଦନ୍ତ ପାଇଁ କଳାକାରମାନେ ଦାବି କରିଛନ୍ତି। ଏ ନେଇ ଉପସଭାପତି ପ୍ରଧାନ କହିଛନ୍ତି, ଜିଲାରେ ଯେଉଁସବୁ କାର୍ଯ୍ୟକ୍ରମ ହେଉଛି ସେ ସମ୍ପର୍କରେ ବ୍ଲକ୍ କର୍ମକର୍ତ୍ତାଙ୍କୁ ସୂଚନା ଦିଆଯାଉଛି। ଗତ ୨ତାରିଖରେ ପଞ୍ଚଗାଁରେ ହୋଇଥିବା କାର୍ଯ୍ୟକ୍ରମ ଜିଲାପାଳଙ୍କ ନିର୍ଦ୍ଦେଶରେ କୋଭିଡ୍ କଟକଣା ମଧ୍ୟରେ କରାଯାଇଥିଲା।



ଜିଲାପାଳଙ୍କୁ ଫେରାଦ୍ ହେବାକୁ ଆସିଥିବା କଳାକାରମାନେ ।

## କେନ୍ଦ୍ର ଜଳସମ୍ପଦ ମନ୍ତ୍ରୀଙ୍କ ସମୀକ୍ଷା ବୈଠକ

ସମ୍ବଲପୁର,୭।୧୦(ବ୍ୟୁରୋ)

କେନ୍ଦ୍ର ଜଳସମ୍ପଦ ମନ୍ତ୍ରୀ ବିଶେଶ୍ୱର ଟୁଡୁଙ୍କ ୨ ଦିନିଆ ସମ୍ବଲପୁର ଗସ୍ତ ଗୁରୁବାର ଶେଷ ହୋଇଛି। ସମଲେଙ୍କ ଦର୍ଶନ କରିବା ପରେ ସେ ମହାନଦୀ କୋଇଲାଖଣି (ଏମ୍‌ସିଏଲ୍) ଗେଷ୍ଟ ହାଉସ ସମ୍ମିଳନୀ କକ୍ଷରେ ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ। ସମ୍ବଲପୁର ଏମ୍‌ପି ନିତେଶ ଗଙ୍ଗଦେବ, ଭାଜପା ରାଜ୍ୟ ଉପସଭାପତି ତଥା ରେଙ୍ଗାଲି ବିଧାୟକ ନାଉରୀ ନାଏକ, ଭାଜପା ଜିଲା ସଭାପତି ଗିରିଶ ପଟେଲଙ୍କ ସମେତ ଜଳସମ୍ପଦ, ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ, ଗ୍ରାମ୍ୟ ଜଳ ଯୋଗାଣ, ଜନସ୍ୱାସ୍ଥ୍ୟ ଆଦି ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ୨୦୨୪ ସୁଦ୍ଧା ସହର ଓ ଗ୍ରାମାଞ୍ଚଳର ପ୍ରତ୍ୟେକ ପରିବାର ପାଖରେ ଶୁଦ୍ଧ ପିଇବା ପାଣି ପହଞ୍ଚିବା ନେଇ ଯୋଜନା କରାଯାଇଛି। ଜଳ ଯୋଗାଣ, ସଂରକ୍ଷଣ ଓ ବଣ୍ଟନକୁ ନେଇ କେନ୍ଦ୍ର ସରକାର ଅନୁଦାନ ମଞ୍ଜୁର କରିବେ। ରାଜ୍ୟ ସରକାର ପ୍ରସ୍ତାବ ଦେଲେ କେନ୍ଦ୍ର ପାଖରେ ଅନୁଦାନର ଅଭାବ ନାହିଁ ବୋଲି ମନ୍ତ୍ରୀ ଟୁଡୁ କହିଥିଲେ। ଜିଲାରେ ଚାଲୁଥିବା ପ୍ରକଳ୍ପଗୁଡିକର କାମ ପ୍ରଶାସନ ସହ ଆଲୋଚନା କରି ଶୀଘ୍ର ସମ୍ପୂର୍ଣ୍ଣ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ତାଗିଦ କରିଥିଲେ। ଅନ୍ୟମାନଙ୍କ ମଧରେ ଜିଲା କୃଷକ ମୋର୍ଚ୍ଚା ସଭାପତି ସମୀର ରଞ୍ଜନ ବାବୁ, ବିଷ୍ଣୁ ପ୍ରସାଦ ରକ୍ଷୀତ ଉପସ୍ଥିତ ଥିଲେ। ପରେ କୁଚିଣ୍ଡା ଗସ୍ତ କରିଥିଲେ। ସେଠାରେ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏକ କଲ୍ୟାଣ ମଣ୍ଡପର ମଧ ଶିଳାନ୍ୟାସ କରିଥିଲେ।

## ଗଳାକାଟି ହତ୍ୟା ଘଟଣା: ଅଭିଯୁକ୍ତ ଗିରଫ

ସମ୍ବଲପୁର,୭।୧୦(ବ୍ୟୁରୋ)

କ୍ଷେତରାଜପୁର ଥାନା ପୋଲିସ ଦ୍ୱାରିକା ରାଉତ୍ରେଙ୍କୁ ଗଳାକାଟି ହତ୍ୟା ଘଟଣାର ପର୍ଦ୍ଦାଫାଶ କରିଛି। ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତ ରାଜା ଜହ୍ଲାରେଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ପୂର୍ବ ଶତ୍ରୁତାରୁ ହତ୍ୟାକାଣ୍ଡ ହୋଇଥିବା ପୋଲିସ ସୂଚନା ଦେଇଛି। ୨୦୧୩ରେ ଅଭିଯୁକ୍ତ ରାଜା ଓ ଦ୍ୱାରିକାଙ୍କ ପରିବାର ମଧରେ ମାରପିଟ ହୋଇଥିଲା। ଏହାକୁ ନେଇ ଉଭୟ ପରିବାର ଥାନାରେ ଅଭିଯୋଗ କରିଥିଲେ। ଅଭିଯୁକ୍ତମାନଙ୍କୁ ପୋଲିସ ଗିରଫ କରିଥିଲା। ଜାମିନରେ ଆସିବା ପରେ ପୁଣି ଦ୍ୱାରିକାଙ୍କୁ ହତ୍ୟା କରିବାକୁ ରାଜା ଯୋଜନା କରିଥିଲେ। ସେପ୍ଟେମ୍ବର ୨୬ରେ ରାଜା ମଦ ପିଇବାକୁ ଡାକି ନେଇଥିଲେ। ସେଠାରେ ପୂର୍ବ ଘଟଣାକୁ ଦୋହାରାଇ ପୁଣି ଗଣ୍ଡଗୋଳ ହୋଇଥିଲା। ପରେ ଏକୁଟିଆ ଦେଖି ଛୁରିରେ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ଦ୍ୱାରିକାଙ୍କୁ ପରିବାର ବର୍ଗ ମେଡିକାଲ ନେଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ।

## ସମ୍ବଲପୁର ନାଟ୍ୟକଳା ପରିଷଦର ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ



ଡ. ଶିବନାରାୟଣ ଶତପଥୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

ସମ୍ବଲପୁର,୭।୧୦(ବ୍ୟୁରୋ)

ସମ୍ବଲପୁର ନାଟ୍ୟକଳା ପରିଷଦ ପକ୍ଷରୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ପରିଷଦ ସଭାପତି ଡ. ସୁରୁବାବୁ ମେହେରଙ୍କ ଅଧ୍ୟକ୍ଷତା ଓ ସହ ସମ୍ପାଦକ ସୂର୍ଯ୍ୟ ପାଣିଗ୍ରାହୀଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ହୋଇଥିଲା। ଲୋକ ସଂସ୍କୃତି ଗବେଷକ ଡ. ନିମାଇଁ ଚରଣ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସାଙ୍ଗଠନିକ ଦକ୍ଷତା ସକାଶେ ଗାୟତ୍ରୀ ଫାର୍ମାସୀ କଲେଜ ପ୍ରତିଷ୍ଠାତା ସମ୍ପାଦକ ଡ. ଶିବନାରାୟଣ ଶତପଥିଙ୍କୁ ସମ୍ବଲପୁର ନାଟ୍ୟକଳା ପରିଷଦ କର୍ମକର୍ତ୍ତା, ସଭ୍ୟାସଭ୍ୟ ଉତ୍ତରିୟ, ସ୍ମୃତି ଫଳକ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଗାୟତ୍ରୀ ଫାର୍ମାସୀ କଲେଜ ଅଧକ୍ଷ ପ୍ରଫେସର ସୂର୍ଯ୍ୟନାରାୟଣ ଦାସ, ଭବାନୀଶଙ୍କର ଦାଶ, ମନୋରଞ୍ଜନ ପାଢୀ, କୃଷ୍ଣଚନ୍ଦ୍ର ମହାପାତ୍ର, ବିଭୂତିଭୂଷଣ ମିଶ୍ର, ଜୟକୃଷ୍ଣ ବେହେରା ଯୋଗଦେଇ ବକ୍ତବ୍ୟ ରଖିଥିଲେ । ନାଟ୍ୟକାର ବୀରୁପାକ୍ଷ ପ୍ରଧାନ ପ୍ରାରମ୍ଭିକ ସୂଚନା, ଡ.ସିଦ୍ଧାର୍ଥ ପଣ୍ଡା ଅତିଥି ପରିଚୟ, ସଂଯୋଜକ ଦିଲୀପ କୁମାର ପୃଷ୍ଟି ଧନ୍ୟବାଦ ଦେଇଥିଲେ। ପରିଷଦର ଦିବଂଗତ ସଭ୍ୟ ରାଜେନ୍ଦ୍ର ପ୍ରସାଦ ପଣ୍ଡା, ଡ. ପଞ୍ଚାନନ ମିଶ୍ର, କାର୍ତ୍ତିକ ପ୍ରଧାନ, କୃଷ୍ଣଚନ୍ଦ୍ର ଆଚାର୍ଯ୍ୟ, ରଘୁନାଥ କର, ବାପୁଜୀ ପଟ୍ଟନାୟକଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା।

## ଗରଗଡ଼ବାହାଲ ପଞ୍ଚାୟତକୁ ମରୁଡ଼ି ଘୋଷଣା ଦାବି

ରେଢାଖୋଲ,୭।୧୦(ଡି.ଏନ.ଏ.)

ରେଢାଖୋଲ ବ୍ଲକ ଗରଗଡବାହାଲ ପଞ୍ଚାୟତକୁ ସମ୍ପୂର୍ଣ୍ଣ ମରୁଡ଼ି ଘୋଷଣା ଦାବି ନେଇ ପଞ୍ଚାୟତବାସୀ ଗୁରୁବାର ଉପଜିଲାପାଳ ପବିତ୍ର ବେହେରାଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସରପଞ୍ଚ ଦିପ୍ତିବାଳା ଗଡନାୟକଙ୍କ ନେତୃତ୍ୱରେ ଚାଷୀମାନେ ଉପଜିଲାପାଳଙ୍କ କାର୍ଯ୍ୟାଳୟକୁ ଶୋଭାଯାତ୍ରାରେ ଆସିଥିଲେ। ଦାବିପତ୍ରରେ ଦର୍ଶାଯାଇଛି ଚଳିତବର୍ଷ ବର୍ଷା ଅଭାବରୁ ପ୍ରାୟ ୬୦ ପ୍ରତିଶତ ଚାଷଜମିରେ ମରୁଡି ପରିସ୍ଥିତି ସୃଷ୍ଟି ହୋଇଛି। ଜଙ୍ଗଲ ଅଞ୍ଚଳ ହୋଇଥିବାରୁ ହାତୀ, ବାରହା ଓ ବନ୍ୟଜନ୍ତୁଙ୍କ ଉପଦ୍ରବରେ ପ୍ରାୟ ୨୦ ପ୍ରତିଶତ ଚାଷ ନଷ୍ଟ ହୋଇଯାଇଛି। ପଞ୍ଚାୟତର ସମସ୍ତ ରାଜସ୍ୱ ଗ୍ରାମକୁ ମରୁଡି ଘୋଷଣା କରାଯିବାକୁ ଦାବି କରାଯାଇଛି। ଜିଲାପରିଷଦ ସଭ୍ୟ ପ୍ରଦୀପ ପ୍ରଧାନ, ରମାକାନ୍ତ ଗଡନାଏକ, ପ୍ରହ୍ଲାଦ ପ୍ରଧାନ, ଶେଷଦେବ ପ୍ରଧାନ, ସନ୍ତୋଷ କୁମାର ଧଳ, ବେଣୁଧର ପ୍ରଧାନଙ୍କ ସମେତ ପଞ୍ଚାୟତର ବହୁ ଚାଷୀ ସାମିଲ ଥିଲେ।



ଉପଜିଲାପାଳଙ୍କୁ ଦାବିପତ୍ର ପଦାନ କରାଯାଉଛି ।

## ଭିମ୍‌ସାରରେ ଅକ୍ସିଜେନ ପ୍ଲାଣ୍ଟ ଲୋକାର୍ପିତ

ସମ୍ବଲପୁର,୭।୧୦(ବ୍ୟୁରୋ)

ସମ୍ବଲପୁର ବୁର୍ଲା ଭିମ୍‌ସାର ପରିସରରେ ପିଏସ୍‌ଏର ୫୦୦ ଏଲ୍‌ପିଏମ୍ କ୍ଷମତା ବିଶିଷ୍ଟ ଅକ୍ସିଜେନ ପ୍ଲାଣ୍ଟ ଉଦ୍‌ଘାଟନ ହୋଇଛି। ଭର୍ଚୁଆଲ ମାଧମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହାକୁ ଲୋକାର୍ପଣ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ସମ୍ବଲପୁର ଏମ୍‌ପି ନିତେଶ ଗଙ୍ଗଦେବ, ଭାଜପା ରାଜ୍ୟ ଉପସଭାପତି ତଥା ରେଙ୍ଗାଲି ବିଧାୟକ ନାଉରୀ ନାଏକ, ଭିମ୍‌ସାର ନିର୍ଦ୍ଦେଶକ ପ୍ରଫେସର ଲଳିତ ମେହେର, ଅଧକ୍ଷ ପ୍ରଫେସର ଲାଲ ମୋହନ ନାଏକ, ସମୀର ରଞ୍ଜନ ବାବୁ, ବିଷ୍ଣୁ ପ୍ରସାଦ ରକ୍ଷିତ, ଜୟନ୍ତ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅକ୍ସିଜେନ ପ୍ଲାଣ୍ଟ ଏନ୍‌ଏମ୍‌ସି କମ୍ପାନୀ ଅନୁଦାନରେ ହୋଇଛି।

## ଭାରିଯାନ ଚଳାଚଳ ସମୟ ନିର୍ଦ୍ଧାରଣକୁ ନେଇ ଅସନ୍ତୋଷ

ସୁନ୍ଦରଗଡ,୭।୧୦(ଡି.ଏନ୍.ଏ.)

ଜନଶକ୍ତି ବିକାଶ ପରିଷଦର ଏକ ବୈଠକ ଗୁରୁବାର କନ୍ଦାଧୁଡାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବାଙ୍କୀବାହାଲ-ଟପରିଆ ରାସ୍ତାରେ ଭାରୀଯାନ ଚଳାଚଳ ଉପରେ ପ୍ରଶାସନର ଏକପାଖିଆ ସମୟ ନିର୍ଦ୍ଧାରଣକୁ ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା।

ପ୍ରକାଶ ଯେ, ଗତ ମାର୍ଚ୍ଚ ମାସ ୨୪ ତାରିଖରେ ହେମଗିର ବ୍ଲକ ସଭାଗୃହଠାରେ ଜିଲା ପ୍ରଶାସନ, ଜନଶକ୍ତି ବିକାଶ ପରିଷଦର ପ୍ରତିନିଧି ଓ ଟ୍ରାନ୍ସପୋର୍ଟରଙ୍କ ଉପସ୍ଥିତିରେ ଏହି ରାସ୍ତାରେ ଭାରୀଯାନ ଚଳାଚଳ ଓ କୋଇଲା ପରିବହନ ଯୋଗୁ ଅଞ୍ଚଳବାସୀ ଭୋଗୁଥିବା ବିଭିନ୍ନ ସମସ୍ୟା ସଂପର୍କରେ ଆଲୋଚନା ହୋଇଥିଲା । ସେହି ବୈଠକରେ ହୋଇଥିବା ନିଷ୍ପତ୍ତି ଅନୁଯାୟୀ ସକାଳ ୬ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଖଣିଜ ପରିବହନ ଓ ଭାରୀଯାନ ଚଳାଚଳ ବାଙ୍କୀବାହାଲ -ଟପରିଆ ରାସ୍ତାରେ ଜିଲା ପ୍ରଶାସନ ବନ୍ଦ କରିଥିଲା । କିନ୍ତୁ ଗତ ସେପ୍ଟେମ୍ବର ୯ ତାରିଖ ଦିନ ଜିଲାପାଳ ଗ୍ରାମବାସୀଙ୍କ ମତାମତ ନ ନେଇ ଏକପାଖିଆ ଭାବେ କଟକଣା କୋହଳ କରି ଦେଇଛନ୍ତି । ଜିଲା ପ୍ରଶାସନ ସକାଳ ୮ଟା ୩୦ରୁ ପୂର୍ବାହ୍ନ ୧୦ଟା ୩୦ମିନିଟ ଓ ମଧାହ୍ନ ୧୨ଟା୩୦ରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ କଟକଣା ଜାରି କରିଛି । ଯାହା ଯୁକ୍ତିଯୁକ୍ତ ନୁହେଁ ବୋଲି ଜନଶକ୍ତି ବିକାଶ ପରିଷଦ ପକ୍ଷରୁ ଅଭିଯୋଗ ହୋଇଛି । ବର୍ତ୍ତମାନ ରାସ୍ତା ଅବସ୍ଥା ଅତ୍ୟନ୍ତ ଶୋଚନୀୟ ଥିବା ବେଳେ କୋଇଲା ପରିବହନ ଯୋଗୁ ପ୍ରଦୂଷଣ ମାତ୍ରା ବଢି ଚାଲିଛି । ଅନ୍ୟପକ୍ଷରେ ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ଜିଲାପାଳ ଜନଶୁଣାଣି ନ କରି ଦିନ ଗଡାଇ ଚାଲିଥିବାରୁ ବୈଠକରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏଣୁ ଆସନ୍ତା ସୋମବାର ଜିଲାପାଳଙ୍କୁ ଜନଶକ୍ତି ବିକାଶ ପରିଷଦ ପକ୍ଷରୁ ଏକ ଦାବିପତ୍ର ପ୍ରଦାନ କରାଯିବ । ଯଥାଶୀଘ୍ର ଜନଶୁଣାଣି କରିବା ଏବଂ ଜନଶୁଣାଣିର ୧୫ଦିନ ପୂର୍ବରୁ ପ୍ରଭାବିତ ପ୍ରତ୍ୟେକ ଗ୍ରାମବାସୀଙ୍କୁ ସୂଚନା ଦିଆଯିବାକୁ ଦାବି କରାଯିବ ବୋଲି ବୈଠକରେ ସ୍ଥିର ହୋଇଛି। ଦାବି ପୂରଣ ଦିଗରେ ପ୍ରଶାସନ ପଦକ୍ଷେପ ନ ନେଲେ ଆଗାମୀ ଦିନରେ ପୁଣି ଜନ ଆନ୍ଦୋଳନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ଜନଶକ୍ତି ବିକାଶ ପରିଷଦର ବୀରେନ୍ଦ୍ର ରାଜେନ୍ଦ୍ର ନାଏକ, ପଦ୍ମଲୋଚନ ପ୍ରଧାନ, ଦୌଲତ ଧୂଆ , ନରେନ୍ଦ୍ର ତାଜନ, ନିରଞ୍ଜନ ଭୋଇ, ପାଣ୍ଡବ ଦେହେରୀ, ରାଧେଶ୍ୟାମ ଗର୍ଡିଆ, ମମତା ସା, ଦ୍ରୋପଦୀ ପ୍ରଧାନ, କୁନ୍ତି ପ୍ରଧାନ, ଯଜ୍ଞ ନାଏକ, ବଂଶୀଧର କଉଡି, ବିଦେଶିନୀ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

# କୃଷି ଆଇନ ଚାଷୀ ବିରୋଧୀ

ସମ୍ବଲପୁର,୭।୧୦(ବ୍ୟୁରୋ)

କେନ୍ଦ୍ର ସରକାର ଲାଗୁ କରିଥିବା କୃଷି ଆଇନ ହେଉଛି କଳା ଆଇନ। ଚାଷୀ ବିରୋଧୀ ଏହି ଆଇନକୁ ଦେଶର ବିଭିନ୍ନ ରାଜ୍ୟରେ ବିରୋଧ କରାଯାଉଛି। କମ୍ପାନୀ ହାତରେ ଜମି ଓ ଚାଷକୁ ଟେକିଦେଇ ଚାଷୀଙ୍କୁ କମ୍ପାନୀ ପାଖରେ ମଜୁରି ଲଗାଇବାକୁ ଯୋଜନା କରାଯାଇଛି। ବିରୋଧ ହେଉଥିଲେ ମଧ ସରକାର ଶୁଣୁ ନାହାନ୍ତି। ଚାଷୀ ନିଜର ହକ, ସ୍ୱାଭିମାନ, ସମ୍ମାନ ପାଇଁ ଲଢେଇ ଜାରି ରଖିବ। ଗୋଟିଏ ପଟେ କେନ୍ଦ୍ର କୃଷି ଆଇନ ଓ ଅନ୍ୟପଟେ ରାଜ୍ୟ ସରକାରଙ୍କ ତ୍ରୁଟିପୂର୍ଣ୍ଣ ଧାନ ସଂଗ୍ରହ ନୀତି ଚାଷୀ ସମାଜକୁ ବରବାଦ କରି ଦେଉଛି ବୋଲି ଗୁରୁବାର ମାନେଶ୍ୱର ବ୍ଲକ ସେରଗୁଆଁତଳ ଗ୍ରାମରେ ଚାଷୀମାନେ ମତବ୍ୟକ୍ତ କରିଥିଲେ।

ଜିଲା କୃଷକ ସଙ୍ଗଠନର ଗାଁକୁ ଚାଲ ଅଭିଯାନରେ ସ୍ଥାନୀୟ ବୀର ବଜରଙ୍ଗବାଲୀ କୃଷକ ସୁରକ୍ଷା ସଙ୍ଗଠନ ପକ୍ଷରୁ ବୈଠକ ଆୟୋଜିତ ହୋଇଥିଲା। ଏଥିରେ ଜିଲା କୃଷକ ସଙ୍ଗଠନ ସଭାପତି ମୁରାରୀ ପୁରୋହିତ, ବ୍ୟୋମକେଶ ଠାକୁର, ସରୋଜ ମହାନ୍ତି, ଉମେଶ ମିଶ୍ରଙ୍କ ସମେତ ସଙ୍ଗଠନର ସଦସ୍ୟ ଉପସ୍ଥିତ ଥିଲେ। ତିନି କୃଷି ଆଇନ ପ୍ରତ୍ୟାହାର ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି କହିଥିଲେ। ସେମାନଙ୍କ ପ୍ରମୁଖ ଦାବି ମଧରେ ଧାନ ସମେତ ସମସ୍ତ ଉତ୍ପାଦିତ ଫସଲ ବିକ୍ରି ପାଇଁ ମଣ୍ଡି ବ୍ୟବସ୍ଥା, ସ୍ୱାମିନାଥନ କମିଶନଙ୍କ ସୁପାରିଶ କାର୍ଯ୍ୟକାରୀ କରାଯାଇ ଏମ୍‌ଏସ୍‌ପି ଲାଗୁ, କୃଷି ବୀମାରେ ଘରୋଇ କମ୍ପାନୀକୁ ବାଦ, କ୍ଷତିପୂରଣ ରାଶି ହେକ୍ଟର ପିଛା ୨୦ ହଜାରକୁ ବୃଦ୍ଧି, ରାଜ୍ୟ ସରକାର ଆଣିଥିବା ଅଧାଦେଶ ପ୍ରତ୍ୟାହାର, ଟୋକନ ଅବଧି ଏକମାସ ପର୍ଯ୍ୟନ୍ତ କରାଯାଇ ପଞ୍ଜିକୃତ ସମସ୍ତ ଚାଷୀଙ୍କ ଧାନ କ୍ରୟ, ମରୁଡି ଘୋଷଣା କରିକ୍ଷତିପୂରଣ ପ୍ରଦାନ ଅନ୍ୟତମ।



ମାନେଶ୍ୱର ବ୍ଲକରେ ଅନୁଷ୍ଠିତ ଚାଷୀ ବୈଠକ ।

## ବିଦ୍ୟାସାଗର ପୁରସ୍କାର ପାଇଲେ ସୁଶାନ୍ତ ଦାସ

ସମ୍ବଲପୁର,୭।୧୦(ବ୍ୟୁରୋ)

ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍‌ୟୁ) ଫିଜିକ୍ସ ବିଭାଗ ମୁଖ୍ୟ ପ୍ରଫେସର ସୁଶାନ୍ତ କୁମାର ଦାସ ବିଦ୍ୟାସାଗର ପୁରସ୍କାର ପାଇଛନ୍ତି। କିଶୋରଚନ୍ଦ୍ର ମେମୋରିଆଲ ପକ୍ଷରୁ ୧୦ତମ ଆନ୍ତର୍ଜାତିକ ସମ୍ମିଳନୀ ଭର୍ଚୁଆଲ ମାଧମରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଭାରତ ସମେତ ବାହାର ଦେଶର ବିଭିନ ଶିକ୍ଷାନୁଷ୍ଠାନର ଅଧାପକ ଯୋଗଦେଇଥିଲେ। ଶିକ୍ଷା, ଗବେଷଣା, ପ୍ରଯୁକ୍ତି ବିଜ୍ଞାନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟକୁ ଚୟନ କରାଯାଇଥିଲା। ୨୦୨୦ରୁ ଜିଏମ୍‌ୟୁରେ ଫିଜିକ୍ସ ବିଭାଗରେ ମୁଖ୍ୟ ଭାବେ ପ୍ରଫେସର ଦାସ କାର୍ଯ୍ୟ କରିଆସୁଛନ୍ତି। ତାଙ୍କର ୧୮ ବର୍ଷର ଶିକ୍ଷାଦାନ ଅଭିଜ୍ଞତା ରହିଛି।

## ବାଇକ ଦୁର୍ଘଟଣାଗ୍ରସ୍ତ, ୩ ଗୁରୁତର

**ଲୋଇସିଂହା,(ଡି.ଏନ.ଏ):** ବଲାଙ୍ଗୀର ଜିଲା ଲୋଇସିଂହା-ପଦ୍ମପୁର ରାସ୍ତାର କନ୍ଦାଜୁରୀ ଛକରେ ବାଇକ ଦୁର୍ଘଟଣାରେ ଗୁରୁବାର ୩ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ବଲାଙ୍ଗୀର ଜିଲା ବନ୍ଧପଡା ଥାନା ସତୀଘାଟର ତେଜରାଜ ବରିହା, ଜଗନ୍ନାଥ ବରିହା ଓ ଚାଙ୍ଗରୁ ପ୍ରଧାନ। ଲୋଇସିଂହା ଅଗ୍ନିଶମ ବାହିନୀ କର୍ମଚାରୀ ଗୁରୁତରଙ୍କୁ ଉଦ୍ଧାର କରି ଲୋଇସିଂହା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ବାଇକ(ନଂ.ଓଡି୧୭ ୬୫୦୮)ରେ ଉପରୋକ୍ତ ୩ଜଣ ଯାକ କରକଟିଆ ଛକରୁ ଲୋଇସିଂହା ପଟକୁ ଆସୁଥିଲେ। ଭାରସାମ୍ୟ ହରାଇବା ପରେ ସେମାନେ ବାଇକ ସହ ରାସ୍ତାପାର୍ଶ୍ୱ ପିଲର ଖୁଣ୍ଟରେ ପିଟି ହୋଇଯାଇଥିଲେ।

**ସଂକ୍ଷେପରେ**

## ୨ ବାଇକ୍ ଆରୋହୀଙ୍କୁ ଧକ୍କା ଦେଲା କ୍ରେନ୍

### ୧ ଘଣ୍ଟା ପରେ ଉଭୟଙ୍କୁ ବାହାର କରାଗଲା



**ନୂଆପଡା ଅଫିସ/ଖଡିଆଳ, ୭।୧୦(ଡି.ଏନ.ଏ.):** ନୂଆପଡା ଜିଲା ଖଡିଆଳ ବୋଡେନ ଛକ ନିକଟଠାରେ ଗୁରୁବାର ଏକ ବାଇକ୍‌କୁ କ୍ରେନ୍ ଧକ୍କା ଦେଇଥିବା ବେଳେ ୨ ଆରୋହୀ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଖଡିଆଳର ରୋମାଞ୍ଚଳ ସାହୁ (୫୦) ଓ ମାଣ୍ଡୋସିଲ ଗ୍ରାମର କାହ୍ନୁ ସାହୁ (୩୦) ଏକ ବାଇକ୍‌ରେ ଖଡିଆଳ ପଟକୁ ଆସୁଥିବା ବେଳେ ବୋଡେନ ପଟକୁ ଯାଉଥିବା ମେଗା ପ୍ରଜେକ୍ଟର ଏକ (ହାଇଡ୍ରା ଗାଡି) କ୍ରେନ ଧକ୍କା ଦେବାରୁ ୨ ବାଇକ୍ ଆରୋହୀ ପଡିଥିଲେ। ଉଭୟ କ୍ରେନ୍ ଚକା ତଳେ ଚାପି ହୋଇ ପ୍ରାୟ ଏକ ଘଣ୍ଟା ପର୍ଯ୍ୟନ୍ତ ରହିଥିଲେ। ଖବର ପାଇ ଖଡିଆଳ ପୋଲିସ, ଅଗ୍ନିଶମ ବିଭାଗ କର୍ମଚାରୀ ଓ ସ୍ଥାନୀୟ ଯୁବକମାନେ ଉଦ୍ଧାର କରି ସ୍ଥାନୀୟ ମିଶନ ହସ୍ପିଟାଲକୁ ନେଇ ଭର୍ତ୍ତି କରିଥିଲେ। ଦୁର୍ଘଟଣାର ତଦନ୍ତ ଚାଲିଛି ବୋଲି ଖଡିଆଳ ଆଇଆଇସି କୈଳାସ ଚନ୍ଦ୍ର ସେଠି ସୂଚନା ଦେଇଛନ୍ତି।

## ୧୫୦ ବୋତଲ କଫ୍ ସିରପ୍ ଜବତ, ଜଣେ ଗିରଫ

**ନୂଆପଡ଼ା ଅଫିସ,୭।୧୦:** ନୂଆପଡା ଜିଲା ସିନାପାଲି ଅବକାରୀ ବିଭାଗ ଚଢ଼ାଉ କରି ଗୁରୁବାର ୧୫୦ ବୋତଲ କଫ କଫ୍ ସିରପ୍ ଜବତ କରି ଜଣେ କୋରେକ୍ସ ବ୍ୟପାରୀଙ୍କୁ ଗିରଫ କରିଛି। ଗିରଫ ଜଣକ କୋମନାର ଗୀତାକୃଷ୍ଣ ସରାଫ। ସକାଳୁ ସିନାପାଲି ଅବକାରୀ ବିଭାଗ କର୍ମଚାରୀମାନେ ପାଟ୍ରୋଲିଂ କରୁଥିବା ବେଳେ ଖଡିଆଳ-ବୋଡେନ ରାସ୍ତା ପଲସଦା ଗାଁ ଛକ ନିକଟରେ ଗୀତାକୃଷ୍ଣ ବସ୍ତାଧରି ଛିଡା ହୋଇଥିବା ବେଳେ ତାଙ୍କୁ ସନ୍ଦେହ କରି ପଚରାଉଚରା କରିଥିଲା। ବସ୍ତା ଖୋଲି ଦେଖିବାରୁ ଭିତରୁ ୧୫୦ଟି ବୋତଲ କଫ୍ ସିରପ୍ ବାହାରିଥିଲା। ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁ କରି ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।

## ଦୁର୍ଘଟଣାରେ ବାଇକ୍ ଆରୋହୀ ଦମ୍ପତି ଗୁରୁତର

**କଣ୍ଟାବାଞ୍ଜି, ୭।୧୦(ଡି.ଏନ.ଏ.):** ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି-ତୁରେକେଲା ପିଡବ୍ଲ୍ୟୁଡି ରାସ୍ତାର ଦାବ୍ରି ନିକଟରେ ଗୁରୁବାର ଏକ ଚାରିଚକିଆ ଯାନ ଧକ୍କାରେ ବାଇକରେ ଥିବା ଦ୍ୱିଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ତୁରେକେଲା ଥାନା ଚାରପାଣି ଗାଁର ବୈଷ୍ଣବ ହରପାଲ(୪୫) ଓ ତାଙ୍କ ସ୍ତ୍ରୀ ସୁଲତା (୪୦)। ଉଭୟଙ୍କୁ କଣ୍ଟାବାଞ୍ଜି ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୂଚନା ଅନୁସାରେ ବୈଷ୍ଣବ ଓ ସୁଲତା ଏକ ବାଇକରେ କଣ୍ଟାବାଞ୍ଜି ଆସୁଥିବାବେଳେ ଏହି ଦୁର୍ଘଟଣା ଘଟିଥିଲା।

## ଅଧିକାରୀଙ୍କୁ ସମ୍ବର୍ଦ୍ଧନା କଲେ ଭାଜପା କର୍ମକର୍ତ୍ତା

**କୋକସରା,୭।୧୦(ଡି.ଏନ.ଏ.):** କଳାହାଣ୍ଡି ଜିଲା କୋକସରା ବ୍ଲକ ଆମପାଣି ଥାନାରେ ନୂତନ ଭାବେ ଯୋଗଦେଇଥିବା ଥାନା ଅଧିକାରୀ ଚତୁର୍ଭୁଜ ନାଏକଙ୍କୁ କୋକସରା ବ୍ଲକ ଆମପାଣି ମଣ୍ଡଳ ଭାଜପା ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି। ସଭାପତି ଅର୍ଜୁନ ଭାଟିଙ୍କ ସହ ସମ୍ପାଦକ ମଧୁବନ ପାତ୍ର, ଭଜମନ ନାଏକ, ଚକ୍ରଧର ବେହେରା, ସନ୍ତୋଷ ମାଝି ପ୍ରମୁଖ କର୍ମକର୍ତ୍ତା ଶୁଭେଚ୍ଛା ଓ ସମ୍ବର୍ଦ୍ଧନା ଜଣାଇଛନ୍ତି। ନୂତନ ଥାନା ଅଧିକାରୀ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି। ପୋଲିସ ଓ ଜନସାଧାରଣ ମଧରେ ସୁସମ୍ପର୍କ ରହିଲେ ସବୁ ସ୍ଥିତି ସ୍ୱାଭାବିକ ହେବ ବୋଲି ଥାନାଧିକାରୀ କହିଛନ୍ତି।

## ଉତ୍ତରପ୍ରଦେଶର ଚାଷୀଙ୍କୁ ଶ୍ରଦ୍ଧାଞ୍ଜଳି

**ନୂଆପଡ଼ା ଅଫିସ,୭।୧୦:** ଉତ୍ତରପ୍ରଦେଶ ଲକ୍ଷ୍ମିମପୁର ଖରିରେ ମୃତ୍ୟୁବରଣ ଚାଷୀଙ୍କୁ ଖରିଆର ରୋଡ ନଗର ଯୁବ କଂଗ୍ରେସ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ସଭାପତି ଆୟୁଷ ଗୁପ୍ତାଙ୍କ ନେତୃତ୍ୱରେ ଜୈନ ମନ୍ଦିରରୁ ରାମ ମନ୍ଦିର ପର୍ଯ୍ୟନ୍ତ ଏକ କ୍ୟାଣ୍ଡେଲ ସୋଭାଯାତ୍ରା କରାଯାଇଥିଲା। ସଭାରେ ରାଜ୍ୟ ସୋସିଆଲ ମେଡିଆ ସଂଯୋଜକ ଅନନ୍ତ ସୋନି, ନୂଆପଡା ବିଧାନସଭା ଯୁବ କଂଗ୍ରେସ ସଭାପତି ଶାହରୁଖ ଖାନ, ପିସିସି ସଦସ୍ୟ ମୋତି ରାୱାଲ, ଜିଲା ଯୁବ କଂଗ୍ରେସ ସମ୍ପାଦକ ଜୟଦେବ ମାଝି, ଶିବ ନିଆଲ, ସୋହେଲ ଖାନ, ଶୁଭମ ସୋନୀ, ଅକ୍ତାବ ଖାନ, ହପ୍ରଥମ ଗୁପ୍ତା, ଜିତେଶ ସାହୁ, ଭାସ୍କର ଯାଦବ ପ୍ରମୁଖ ଯୋଗଦେଇଥିଲେ।

# ଶ୍ରମିକଙ୍କ ପାଉଣା ପ୍ରଦାନରେ ପାତରଅନ୍ତର

**ନୂଆପଡ଼ା ଅଫିସ,୭।୧୦**

ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ ଗ୍ରାମୀଣ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ଶ୍ରମିକଙ୍କ ପାଉଣା ପ୍ରଦାନରେ ପାତରଅନ୍ତର କରାଯାଉଥିବା ଅଭିଯୋଗ ହେଉଛି। ଏଭଳି ଏକ ଅଭିଯୋଗ ନୂଆପଡା ଜିଲା ସିନାପାଲି ବ୍ଲକ ଭରୁଆମୁଣ୍ଡା ପଞ୍ଚାୟତରୁ ଆସିଛି। ସୂଚନା ଯେ, ସିନାପାଲି ବ୍ଲକ ଅନ୍ତର୍ଗତ ଭରୁଆମୁଣ୍ଡା ପଞ୍ଚାୟତରେ ଶ୍ରମିକମାନଙ୍କୁ କାମ ଯୋଗାଇବା ପାଇଁ ଉକ୍ତ ଯୋଜନା ମାଧ୍ୟମରେ ବିଭିନ୍ନ ପ୍ରକଳ୍ପ କାମ କରାଯାଇ ଅନେକ ବର୍ଗର ଶ୍ରମିକଙ୍କୁ ନିୟୋଜିତ କରାଯାଇଛି। ଶ୍ରମିକଙ୍କୁ ପାଉଣା ଦେବା ବେଳେ ପଛୁଆବର୍ଗ ଲୋକଙ୍କ ବ୍ୟାଙ୍କ ଖାତାକୁ ୨/୩ ମାସ ପରେ ଟଙ୍କା ଆସୁଥିବା ଅଭିଯୋଗ ହେଉଛି। ଅନ୍ୟବର୍ଗର ଶ୍ରମିକଙ୍କ ବ୍ୟାଙ୍କ ଖାତାକୁ ୧୦/୧୫ ଦିନ ମଧ୍ୟରେ ଟଙ୍କା ଜମା ହେଉଥିବା ବେଳେ ପଛୁଆ ଓ ସାଧାରଣ ଲୋକଙ୍କ ପାଇଁ ବିଳମ୍ବ କିପରି ହେଉଛି ତାହାକୁ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହେଉଛି।



କାମ କରି ପାଉଣା ପାଇ ନ ଥିବା ଶ୍ରମିକମାନେ।

### ଏମ୍‌ଜିଏନ୍‌ଆର୍‌ଇଜିଏସ୍

ଶ୍ରମିକମାନେ କାର୍ଯ୍ୟରେ ନିୟୋଜିତ ଗାଁ ସାଥୀ ଓ ଗ୍ରାମ ରୋଜଗାର ସେବକ (ଜିଆରଏସ)ମାନଙ୍କୁ ପଚାରିଲେ ବ୍ୟାଙ୍କ ଖାତାରେ ଟଙ୍କା ଜମା ହୋଇଥିବା କହୁଛନ୍ତି। ବ୍ୟାଙ୍କକୁ ବାରମ୍ବାର ଯିବାପରେ ଖାତାରେ ଟଙ୍କା ନ ଥିବା ଜଣାପଡୁଛି। ବ୍ୟାଙ୍କ ସହାୟତା କେନ୍ଦ୍ରକୁ ବାରମ୍ବାର ଦୌଡି ହଇରାଣ ହେବାକୁ ପଡୁଛି ବୋଲି ଶ୍ରମିକମାନେ ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ ଯେ, ଭରୁଆମୁଣ୍ଡା ଦାଦନ ପ୍ରବଣ ଅଞ୍ଚଳ ଭାବେ ଜଣାଶୁଣା। ପ୍ରତିବର୍ଷ ଅଞ୍ଚଳର ହଜାର ହଜାର ଦାଦନ ବାହାର ରାଜ୍ୟକୁ ଚାଲାଣ ହୋଇଥାନ୍ତି। ଅଞ୍ଚଳର ଦାଲାଲମାନେ ଏଠାରେ ସକ୍ରିୟ ରହି ମୁନାଫା ଉଠାଇଥାନ୍ତି। ଘର ଘର ବୁଲି ଟଙ୍କା ଦେଇ ଶ୍ରଶମିକମାନଙ୍କୁ ପ୍ରଲୋଭନ ଦେଖାଇ ଚାଲାଣ କରିଥାନ୍ତି। ଏହି ଅଞ୍ଚଳରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଶ୍ରମ ଦିବସ ସୃଷ୍ଟି କରିବା ସହିତ ଠିକ ସମୟରେ ଶ୍ରମିକ ପାଉଣା ନ ମିଳିଲେ ଆଗକୁ ବହୁତ ସଂଖ୍ୟାରେ ଦାଦନ ଚାଲାଣ ହେବେ ଏଥିରେ ସନ୍ଦେହ ନାହିଁ। ପରିବାର ପ୍ରତି ପୋଷଣ କରିବା ପାଇଁ କାମ କରୁଛୁ। ଟଙ୍କା ମିଳିଲେ କାମରେ ଲାଗିବ। କୁଲି ମଜୁରୀ କାମ କରୁଥିଲେ ମଧ୍ୟ ସରକାରୀ କାମରେ ମାସ ମାସ ଧରି ଟଙ୍କା ପାଇଁ ଅପେକ୍ଷା କଲେ କେଉଁ ପ୍ରକାରେ ପରିବାର ଚଳାଇବୁ। ଅନ୍ୟ କୌଣସି ଉପାୟ ନ ପାଇ ଶେଷରେ ଦାଦନ ଖଟିବାକୁ ବହାର ରାଜ୍ୟକୁ ଯିବୁ ବୋଲି ଭରୁଆମୁଣ୍ଡା ପଞ୍ଚାୟତର ନିରଞ୍ଜନ ବାଗ, ସଦାନିଧି ବାଗ, ଛବି ବାଗ, ଟିକେଲାଲ ଛତ୍ରିଆ, ରୋହିତ ଛତ୍ରିଆ, ବିନ୍ତା ନାୟକ, ମଧୁ ନାୟକ, ଗୋଲେକ ପଟେଲ, କୈଳାସ ହଂସଙ୍କ ସମେତ ଅନେକ ପଛୁଆବର୍ଗ ଶ୍ରମିକମାନେ ଅଭିଯୋଗ କରିଛନ୍ତି। ସିନାପାଲି ବ୍ଲକ ଅନେକ ପଞ୍ଚାୟତରେ ଏଭଳି ସମସ୍ୟା ରହିଛି। ଏ ନେଇ ସିନାପାଲି ବିଡିଓ ସାଦାଶିବ ନାଏକଙ୍କୁ ପଚାରିବାରୁ ପୂର୍ବରୁ ଏହି ପ୍ରକାର ହେଉଥିଲା, ବର୍ତ୍ତମାନ ହେଉ ନାହିଁ। ଆମେ ସାଙ୍ଗେ ସାଙ୍ଗେ ଫଣ୍ଡ ଟ୍ରାନ୍ସଫର କରୁଛୁ। ଯଦିବି ହେଉଛି ଆମର କାର୍ଯ୍ୟ ବାହାରେ ଆମେ କିଛି କରିପାରିବୁ ନାହିଁ। ଏହି ସମସ୍ୟା ସବୁଠାରେ ଲାଗି ରହୁଛି ବୋଲି ପ୍ରକାଶ କରିଥିଲେ। ଏ ଦିଗରେ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ତୁରନ୍ତ ସମାଧାନ କରିବାକୁ ଦାବି ହେଉଛି।

## ଜେଇଙ୍କ ବଦଳି ନେଇ ପାତରଅନ୍ତର

**କେସିଙ୍ଗା,୭।୧୦(ଡି.ଏନ.ଏ.)**

କଳାହାଣ୍ଡି ଜିଲାର ୧୩ଟି ବ୍ଲକର ୫୧ଜଣ ଜୁନିୟରଯନ୍ତ୍ରୀ ଓ ଜିପିଟିଏମାନଙ୍କୁ ଜିଲା ଗ୍ରାମ୍ୟ ଉନ୍ନୟନ ପରିଷଦ କାର୍ଯ୍ୟାଳୟ ଆଦେଶ ନମ୍ବର ୪୬୬୬/ତା୨୮।୯।୨୧ରିଖ ଅନୁସାରେ ବଦଳି କରାଯାଇଛି। କେସିଙ୍ଗା ବ୍ଲକରେ ୨ଜଣ ଜେଇ ୪ବର୍ଷ ହେଲା କାର୍ଯ୍ୟ କରି ଆସୁଛନ୍ତି। କିନ୍ତୁ ଉଭୟଙ୍କ ବଦଳି ଯଥାର୍ଥ ହୋଇ ନ ଥିଲେ ମଧ ଜଣେ ମହିଳା ଜେଇଙ୍କୁ ୭ ବର୍ଷ ପରେ ବି ବଦଳି କରାଯାଇ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି। ସମ୍ପୃକ୍ତା ମହିଳା ବ୍ଲକରେ ୨୦୧୪ ଜୁଲାଇରେ ଜିପିଟିଏ ପଦବୀରେ ରହି କାର୍ଯ୍ୟ କରୁଥିଲେ। ୨୦୧୮ ସେପ୍ଟେମ୍ବରରେ ରେଗୁଲାର ହୋଇ କନିଷ୍ଠ ଯନ୍ତ୍ରୀ ଭାବେ କାର୍ଯ୍ୟ କରୁଛନ୍ତି। ତାଙ୍କ ସହିତ ଆଉ ଜଣେ ପୁରୁଷ ଜିପିଟିଏ ମଧ ସମାନ ତାରିଖରେ ରେଗୁଲାର ହୋଇ କନିଷ୍ଠରେ କାମ କରୁଛନ୍ତି। ସେହିପରି ଆଉ ଜଣେ ପୁରୁଷ ଜିପିଟିଏ ୨୦୧୯ ଫେବୃୟାରୀରେ ରେଗୁଲାର ହୋଇ ବ୍ଲକରେ କନିଷ୍ଠ ଯନ୍ତ୍ରୀ ଭାବେ କାର୍ଯ୍ୟ କରୁଛନ୍ତି। ବ୍ଲକର ୨ଜଣ ପୁରୁଷ କନିଷ୍ଠ ଯନ୍ତ୍ରୀଙ୍କୁ ଅନ୍ୟତ୍ର ବଦଳି ହୋଇଛି। ସମ୍ପୃକ୍ତା ମହିଳା ଯନ୍ତ୍ରୀଙ୍କୁ ଏଠାରେ ଦୀର୍ଘ ୭ ବର୍ଷ କାଳ ହେଲା କାର୍ଯ୍ୟ କରୁଥିଲେ ମଧ ତାଙ୍କୁ ବଦଳି କରାଯାଇ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି। ସରକାରଙ୍କ ନିୟମ ଅନୁସାରେ ଜଣେ ସରକାରୀ ଅଧିକାରୀ ଗୋଟିଏ ସ୍ଥାନରେ ୫ ବର୍ଷ କାର୍ଯ୍ୟ କରିଥିଲେ ସେମାନଙ୍କୁ ବଦଳି କରାଯିବା ବ୍ୟବସ୍ଥା ରହିଛି। କିନ୍ତୁ ମହିଳା ଜେଇଙ୍କ କ୍ଷେତ୍ରରେ କାହିଁକି ଏହି ବଦଳି ନୀତି କାର୍ଯ୍ୟକାରୀ କରାଯାଇ ନାହିଁ ତାହା ଜିଲା ପ୍ରଶାସନ ପ୍ରତି ସନ୍ଦେହ ସୃଷ୍ଟି କରୁଛି। ଏ ସଂକ୍ରାନ୍ତରେ ଜିଲା ପ୍ରକଳ୍ପ ଅଧିକାରୀ ସୋମେଶ କୁମାର ଉପାଧ୍ୟାୟଙ୍କୁ ପଚାରିବାରୁ ପ୍ରଶାସନିକ କ୍ଷମତା ଅନୁସାରେ ତାଙ୍କୁ ବଦଳି କରାଯାଇଛି ବୋଲି ପ୍ରକାଶ କରିଥିଲେ।

## ଦୁଇ ବିଜ୍ଞାନଗାର ପ୍ରକଳ୍ପ ପ୍ରଦର୍ଶକଙ୍କ ବଦଳି ଦାବି

**ଲାଠୋର, ୭।୧୦(ଡି ଏନ ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ମାଲପଡାସ୍ଥିତ ଅନୁସୂଚିତ ଜାତି, ଜନଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କାର୍ଯ୍ୟରତ ଦୁଇ ବିଜ୍ଞାନଗାର ପ୍ରକଳ୍ପ ପ୍ରଦର୍ଶକଙ୍କୁ ଅନ୍ୟତ୍ର ବଦଳି ପୁଣି ଉଠିଛି। ସେମାନଙ୍କ ସ୍ଥାନରେ ନୂତନ ପ୍ରଦର୍ଶକଙ୍କୁ ନିଯୁକ୍ତି ଦେବାପାଇଁ ମାଲପଡା ଡାଇଜ ଯୁବ ଅନୁଷ୍ଠାନ ଦାବିକରିଛି। ଗତ ୨୦୨୦ରେ ମୂଳ ନିବାସୀ ମହିଳା ସଂଘର୍ଷ ସମିତି ମଧ ସମ୍ପୃକ୍ତ ଦୁଇ କର୍ମଚାରୀଙ୍କ ବଦଳି ଦାବିକରି ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ହେଲେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ନଜର ଦେଉ ନାହାନ୍ତି। ଫଳରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ର ବ୍ୟବହାରିକ ଶିକ୍ଷାଦାନରେ ଅସୁବିଧାର ସମ୍ମୁଖୀନ ହେଉଥିବା ଡାଇଜ ଅନୁଷ୍ଠାନ ଅଭିଯୋଗ କରିଛି। କାର୍ଯ୍ୟରତ ପଦାର୍ଥ ବିଜ୍ଞାନଗାର ପ୍ରକଳ୍ପ ପ୍ରଦର୍ଶକ ମୁକେଶ ଷଡଙ୍ଗୀ, ପ୍ରାଣୀ ବିଜ୍ଞାନଗାର ପ୍ରକଳ୍ପ ପ୍ରଦର୍ଶକ ଆଶିଷ ଦାଶ କରୋନା କାଳରୁ ବିଦ୍ୟାଳୟକୁ ଆସୁ ନାହାନ୍ତି। ବର୍ତ୍ତମାନ ଦ୍ୱାଦଶ ଶ୍ରେଣୀ ପିଲାଙ୍କ ପାଠପଢା ଆରମ୍ଭ ହୋଇଥିବାରୁ ବ୍ୟବହାରିକ ଶିକ୍ଷାଦାନ ନ ପାଇ କିପରି ପରୀକ୍ଷା ଦେବେ ତାହା ଚିନ୍ତାର କାରଣ ହୋଇଛି। ଏ ନେଇ ବିଦ୍ୟାଳୟ ଅଧକ୍ଷ ଭୂଗୋଳ ବନଗୁଲାଙ୍କୁ ପଚାରିବାରୁ କାର୍ଯ୍ୟ ଅନୁପସ୍ଥିତ ସମ୍ପୃକ୍ତ ଦୁଇ କର୍ମଚାରୀଙ୍କ ଦରମା ଗତ ଜାନୁୟାରୀ ୨୦୨୧ରୁ ବନ୍ଦ କରାଯାଇଛି। ଆଗକୁ କି ପଦକ୍ଷେପ ନିଆଯିବ ତାହା ଉପରସ୍ଥ ଅଧିକାରୀ ନିର୍ଣ୍ଣୟ କରିବେ।



ବଲାଙ୍ଗୀର ଜିଲା ଲୋଇସିଂହା ବୁର୍ଡାରେ ନବରାତ୍ର ଦୁର୍ଗାପୂଜା ଅବସରରେ ମାଙ୍କ ପୂଜାର୍ଚ୍ଚନା।

## ନିଖୋଜ ପୁଅ ଆମର ଦାବି କଲେ ୨ ପରିବାର

**କର୍ଲାମୁଣ୍ଡା,୭।୧୦(ଡି.ଏନ.ଏ.)**

### ଗୁଜୁରାଟରେ ଅଜଣା ଯୁବକଙ୍କ ଫଟୋ ଭାଇରାଲ ଘଟଣା

ଗତ କିଛି ଦିନ ତଳେ ଗୁଜୁରାଟ ସହରରେ ଜଣେ ମାନସିକ ରୋଗୀ ନିଜକୁ କଳାହାଣ୍ଡି ଜିଲା କର୍ଲାମୁଣ୍ଡା ଅଞ୍ଚଳର ବୋଲି କହୁଥିବା ସେଠାରେ ଉଦ୍ଧାର କରିଥିବା ଯୁବକ ଜଣକ ତାଙ୍କୁ ଓଡ଼ିଶା ନେଇ ଯିବାକୁ ଅନୁରୋଧ କରୁଥିବା ଏକ ଭିଡିଓ ଭାଇରାଲ ହୋଇଛି। ଭିଡିଓରେ କର୍ଲାମୁଣ୍ଡା ଅଞ୍ଚଳର ଶିବ ମନ୍ଦିର ପାଖରେ ତାଙ୍କ ଘର ବୋଲି କହୁଥିବା ଲୋକେ ଦେଖିବା ପରେ ପ୍ରାୟ ଗତ ୩ ଦିନ ହେବ ଶିବ ମନ୍ଦିର ପାଖରେ ଥିବା ଲୋକଙ୍କର କାହାର ପୁଅ ପୂର୍ବରୁ ନିଖୋଜ ହୋଇଛନ୍ତି, ତାହାର ତଦନ୍ତ ହେଉଥିଲା। ଏହି ସମୟରେ ଭବାନୀପାଟଣା ନିକଟ କର୍ଲାଗୁଡା ଗାଁର ସୁଲ ଗୌଡ଼ଙ୍କ ପୁଅ ପୂର୍ଣ୍ଣ ଗୌଡ଼ ୨୦୧୬ରୁ ଘରୁ ଗୁଜୁରାଟ ଯାଇ ଫେରି ନ ଥିବା ଓ ଫେସବୁକରେ ଘୁରି ବୁଲୁଥିବା ଫଟୋରେ ଥିବା ଯୁବକ କର୍ଲାଗୁଡାର ବୋଲି ସନ୍ଦେହ କରାଯାଇଛି। ଅନ୍ୟପଟେ ଭାଇରାଲ ଭିଡିଓ ଦେଖି କର୍ଲାମୁଣ୍ଡା ବ୍ଲକ ମାଲପଡାର ପୁନି ସୁନା ନାମକ ୮୦ ବର୍ଷୀୟା ବୃଦ୍ଧା ମୋ ପୁଅ ବୋଲି ଦାବି କରିଛନ୍ତି। ଏ ନେଇ ସେ କାର୍ଲାମୁଣ୍ଡା ଫାଣ୍ଡିରେ ଗୁରୁବାର ସନ୍ଧ୍ୟାରେ ସାମାଜିକ କର୍ମୀ ସୁରେଶ ଚୌଧୁରୀଙ୍କ ସହଯୋଗରେ ଲିଖିତ ଭାବେ ଜଣାଇଛନ୍ତି। ଅଭିଯୋଗରେ ସେ ତାଙ୍କ ପୁଅର ନାମ ସୁଶୀଲ ସୁନା। ଆଜକୁ ୧୮ ବର୍ଷ ତଳେ ଘରୁ ଗୁଜୁରାଟକୁ ଯାଇ ଫେରି ନ ଥିବା ଦର୍ଶାଇଛନ୍ତି। ଏବେ ସମ୍ପୃକ୍ତ ଯୁବକଙ୍କୁ ଫେରାଇ ଆଣିବା ଲାଗି ପ୍ରକ୍ରିୟ ଆରମ୍ଭ ହୋଇଛି। ତେବେ ଯୁବକ ଜଣକ ଏଠାକୁ ଆସିବା ପରେ ହିଁ କର୍ଲାଗୁଡାର କି ମାଲପଡାର ତାହା ସ୍ପଷ୍ଟ ଜଣାପଡ଼ିବ।

# ସ୍କୁଲ ସମ୍ମୁଖରେ ଛାତ୍ରୀଛାତ୍ର, ଅଭିଭାବକଙ୍କ ଧାରଣା



ବିଦ୍ୟାଳୟ ସମ୍ମୁଖରେ ଧାରଣାରତ ଛାତ୍ରୀଛାତ୍ର, ଅଭିଭାବକ।

**ଖପ୍ରାଖୋଲ,୭।୧୦(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ପଡିଆବାହାଲ ପଞ୍ଚାୟତ ଉନ୍ନିତ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ର ଏବଂ ଅଭିଭାବକ ବିଦ୍ୟାଳୟ ସମ୍ମୁଖରେ ଗୁରୁବାର ତାଲା ବନ୍ଦ ଆନ୍ଦୋଳନ କରିଥିଲେ। ସ୍କୁଲ ସମ୍ମୁଖରେ ତାଲା ପକାଇ ଦିନ ସାରା ଧାରଣାରେ ବସି ରହିଥିଲେ। ସ୍କୁଲର ଆର୍ଥିକ ହେରଫେରରେ ସଂଶ୍ଲିଷ୍ଟଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନ

### ଆର୍ଥିକ ହେରଫେରର ପ୍ରତିବାଦ

ହେବା ଯାଏ ଆନ୍ଦୋଳନ ଜାରି ରହିବ ବୋଲି ଅଭିଭାବକମାନେ ପ୍ରକାଶ କରିଛନ୍ତି। ଅଭିଯୋଗ ଅନୁସାରେ ଗ୍ରାମ୍ୟ ଶିକ୍ଷା କମିଟିର ବିନା ଅନୁମତିରେ ବ୍ୟଙ୍କରୁ ଲକ୍ଷାଧିକ ଟଙ୍କା ଉଠାଣ ହୋଇଛି। ଅନୁସୂଚୀତ ଜାତି ଜନଜାତି ଛାତ୍ରୀଛାତ୍ରଙ୍କ ଷ୍ଟାଇଫେଣ୍ଡ ଟଙ୍କା ମଧ୍ୟ ଆତ୍ମସାତ୍ ହୋଇଛି। ସେହିପରି ମଧ୍ୟାହ୍ନଭୋଜନ ଚାଉଳ ଏବଂ ଟଙ୍କା ଛାତ୍ରୀଛାତ୍ରଙ୍କୁ ଠିକ ଭାବେ ଦିଆ ନ ଯାଇନାହିଁ। ଏହାର ସଠିକ ହିସାବ ନାହିଁ। ଏ ନେଇ ଅଭିଭାବକମାନେ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଅଭିଯୋଗ କରିଥିଲେ। ହେଲେ ସେଥିପ୍ରତି କର୍ଣ୍ଣପାତ କରା ନ ଯିବାରୁ ଗୁରୁବାର ଛାତ୍ରୀଛାତ୍ର, ଅଭିଭାବକ ଧାରଣାରେ ବସିଛନ୍ତି। ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ବୀରେନ୍ଦ୍ର ସାହୁଙ୍କୁ ପଚାରିବାରୁ ଗ୍ରାମବାସୀ ଏ ନେଇ ପୂର୍ବରୁ ଅଭିଯୋଗ କରିଥିବା କହିଛନ୍ତି।

## ଡ୍ରେନ୍ ସଫେଇ କଲେ ମହିଳା ଗୋଷ୍ଠୀ

**ଦେଓଗାଁ, ୭।୧୦(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ମକୁନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ବନ୍ଧପାଲିରେ ଡ୍ରେନେଜ ବ୍ୟବସ୍ଥା ଫେଲ ମାରିଛି। ଦୀର୍ଘଦିନ ଧରି ସଫେଇ ନ ହେବାରୁ ଏହା ପୋତି ହୋଇଯାଇଛି। ଆବର୍ଜନା ଦିନଦିନ ଧରି ଜମି ରହିବାରୁ ପୁତିଗନ୍ଧମୟ ପରିବେଶ ସୃଷ୍ଟି ହୋଇଛି। ଏହାକୁ ସଫେଇ କରିବାରେ ସ୍ଥାନୀୟ ପ୍ରଶାସନ କୌଣସି ପଦକ୍ଷେପ ନେଲାନାହିଁ। ଶେଷରେ ଡ୍ରେନକୁ ସଫା କରିବାକୁ ଅଣ୍ଟା ଭିଡିଥିଲେ ଗାଁର ମହିଳା ଗୋଷ୍ଠୀ। ଗୁରୁବାର ଗାଁ ମଝିରୁ ଶେଷ ମୁଣ୍ଡ ପର୍ଯ୍ୟନ୍ତ ଗାଁର ସମସ୍ତ ସ୍ୱୟଂ ସହାୟକ ଦଳର ସଦସ୍ୟାମାନେ ଶୋଭାଗିନୀ ମାଝୀଙ୍କ ନେତୃତ୍ୱରେ ଶ୍ରମଦାନ କରି ଡ୍ରେନ ସଫେଇ କରିଥିଲେ। ମହିଳା ଗୋଷ୍ଠୀଙ୍କ ଏହି ପଦକ୍ଷେପକୁ ବେଶ ପ୍ରଶଂସା କରାଯାଇଛି।



ଦେଓଗାଁ ବ୍ଲକ ବନ୍ଧପାଲିରେ ମହିଳା ଗୋଷ୍ଠୀ ଡ୍ରେନ୍ ସଫେଇ କରୁଛନ୍ତି।

# ସୂଚନା ଅଧିକାର ଆଇନର ଜନସଚେତନତା ଅଭିଯାନ

**ଜୁନାଗଡ,୭।୧୦(ଡି.ଏନ.ଏ.)**

ଓଡିଶା ସୂଚନା ଅଧିକାର ଅଭିଯାନ କଳାହାଣ୍ଡି ଜିଲା ଶାଖା ପକ୍ଷରୁ ଗୁରୁବାର ଜୁନାଗଡ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ସୂଚନା ଅଧିକାର ଆଇନ ଓ ଏହାର ପ୍ରୟୋଗକୁ ନେଇ ଜନସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ କଳାହାଣ୍ଡି ଜିଲା ଶାଖାର ଆବାହାକ ଅଞ୍ଜନ କୁମାର ରଥ ଓ ସୂଚନା ଅଧିକାର କର୍ମୀ ସଞ୍ଜୀବ କୁମାର ଶତପଥି, ବିକାଶ ଖେମକା ପ୍ରମୁଖ ଯୋଗଦେଇ ସ୍ଥାନୀୟ ଜନସାଧାରଣଙ୍କୁ ଲିଫଲେଟ୍ ବଣ୍ଟନ କରିବା ସହିତ ସୂଚନା ଅଧିକାର ଆଇନ ଓ ବ୍ୟବହାର ସମ୍ପର୍କରେ ସଚେତନତା କରାଇଥିଲେ। ସେହିପରି ଦୁର୍ନୀତି ବିରୋଧି ଅଭିଯାନରେ ସକ୍ରିୟ ସାମିଲ ହେବା ପାଇଁ ଉପସ୍ଥିତ ଜନସାଧାରଣଙ୍କୁ ନିବେଦନ କରିଥିଲେ।

## ପଞ୍ଚାୟତ ହାଇସ୍କୁଲ ପରିଦର୍ଶନ କଲେ ବିଧାୟକ

**ଲୋଇସିଂହା, ୭।୧୦(ଡି.ଏନ.ଏ.)**

ସ୍କୁଲ ରୂପାନ୍ତରୀକରଣ ଯୋଜନାରେ ସାମିଲ ଲୋଇସିଂହା ହରେକୃଷ୍ଣ ମହତାବ ହାଇସ୍କୁଲ ଓ ବୁର୍ଡା ପଞ୍ଚାୟତ ହାଇସ୍କୁଲକୁ ଗୁରୁବାର ପରିଦର୍ଶନ କରିଥିଲେ ବିଧାୟକ ମୁକେଶ ମହାଲିଙ୍ଗ। ତାଙ୍କ ସହ ବିଡିଓ ରାମଚନ୍ଦ୍ର ଖାଡିଆ, ଯନ୍ତ୍ରୀ କବିତା ଦାସ ପରିଦର୍ଶନରେ ଯାଇଥିଲେ। ଏହି ଅବସରରେ ବୁର୍ଡା ପଞ୍ଚାୟତ ହାଇସ୍କୁଲରେ ପ୍ରଧାନଶିକ୍ଷକ ହିମାଂଶୁ ଶେଖର ସାହୁ, ସହକାରୀ ଶିକ୍ଷକ, ଶିକ୍ଷା କମିଟିକୁ ନେଇ ଏକ ବୈଠକ କରାଯାଇଥିଲା। ୨ଟି ସ୍ମାର୍ଟ କ୍ଲାସ, ୨ଟି ଲ୍ୟାବ ସହ ଅତିରିକ୍ତ ଶ୍ରେଣୀ ଗୃହ ଓ ଅନ୍ୟାନ୍ୟ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ କରାଯିବ। ସ୍କୁଲରେ ଶ୍ରେଣୀ ଗୃହ ଅଭାବ ରହିଛି। ତେଣୁ ଅତିରିକ୍ତ ଅନୁଦାନ ପାଇଁ ପଶ୍ଚିମ ଓଡିଶା ବିକାଶ ପାଣ୍ଠିରୁ ସହାୟତ ପାଇଁ ପ୍ରସ୍ତାବ ଦେବାକୁ ଜିଲାପାଳଙ୍କୁ ଅନୁରୋଧ କରାଯିବାକୁ ବୈଠକରେ ଆଲୋଚନା ହୋଇଥିଲା।



ବୁର୍ଡା ପଞ୍ଚାୟତ ହାଇସ୍କୁଲ ପରିସରରେ ବିଧାୟକ, ଶିକ୍ଷୟିତ୍ରୀଶିକ୍ଷକ।

# ବାଇକ୍ ଚୋରି ର୍‍ୟାକେଟର ପର୍ଦ୍ଦାଫାଶ

**ଖପ୍ରାଖୋଲ, ୭।୧୦(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ଥାନା ପୋଲିସ ଏକ ବାଇକ ଚୋରି ର୍‍ୟାକେଟର ପର୍ଦ୍ଦାଫାସ କରିଛି। ୮ଚୋରି ବାଇକ ଜବତ କରିବା ସହ ଜଣଙ୍କୁ ଗିରଫ କରିଛି। ଗୁରୁବାର ଖପ୍ରାଖୋଲ ଥାନା ପରିସରରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ପାଟଣାଗଡ ଏସ୍‌ଡିପିଓ ଜ୍ୟୋତିର୍ମୟ ଭୁକ୍ତା, ଖପ୍ରାଖୋଲ ଥାନା ଅଧିକାରୀ ରମାକାନ୍ତ ସାହୁ ଏ ନେଇ ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତ ହେଲେ ତୁରେକେଲା ଥାନା ଲର୍କି ଗାଁର ରିଙ୍କୁ ମେହେର(୨୬)। ସୂଚନା ଅନୁସାରେ ବୁଢିବାହାଲ ଗାଁର ବଳଦେବ ସଗରଙ୍କ ବାଇକ ଧଣ୍ଡାମୁଣ୍ଡାରୁ ଗତ ଅଗଷ୍ଟ ୧୯ ତାରିଖରେ ଚୋରି ହୋଇଥିଲା। ତଦନ୍ତ ବେଳେ ସିସିଟିଭି ଫୁଟେଜକୁ ଆଧାର କରି ପୋଲିସ ତଦନ୍ତ



ପୋଲିସ ଜବତ କରିଥିବା ବାଇକ ଓ ଗିରଫ ଅଭିଯୁକ୍ତ।

### ୮ ବାଇକ ଜବତ, ଅଭିଯୁକ୍ତ ଗିରଫ

ଚଳାଇଥିଲା। ତଦନ୍ତରୁ ଲର୍କି ଗାଁର ରିଙ୍କୁ ସନ୍ଦେହ ପରିସରକୁ ଆସିଥିଲେ। ତାଙ୍କୁ ଗିରଫ କରିବା ପରେ ଚୋରି ର୍‍ୟାକେଟ ସମ୍ପର୍କରେ ଜଣାପଡିଥିଲା। ସେ ୧୨ଟି ଗାଡି ଚୋରି କରି ବିକ୍ରି କରିଥିବା ଜେରାବେଳେ ପୋଲିସକୁ କହିଥିଲା। ସେଥିରୁ ୮ଟି ବାଇକ ଉଦ୍ଧାର କରାଯାଇଛି। ଅନ୍ୟ ୪ ବାଇକ ଖୁବଶୀଘ୍ର ଉଦ୍ଧାର ହେବ ବୋଲି ପୋଲିସ୍ ସୂଚନା ଦେଇଛି।

## ଲୋଇସିଂହା କଲେଜ ରାସ୍ତା ଉଦ୍‌ଘାଟିତ

**ଲୋଇସିଂହା, ୭।୧୦(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା କଲେଜ ମୁଖ୍ୟରାସ୍ତା ଗୁରବାର ଉଦ୍‌ଘାଟିତ ହୋଯାଇଛି। ଲୋଇସିଂହା ବିଧାୟକ ମୁକେଶ ମହାଲିଙ୍ଗ ଅତିଥିଭାବେ ଯୋଗଦେଇ ରାସ୍ତାର ଲୋକାର୍ପଣ କରିଥିଲେ। ଛାତ୍ରୀଛାତ୍ରଙ୍କ ଦୀର୍ଘଦିନରୁ ଏହି ରାସ୍ତା ନିର୍ମାଣ ପାଇଁ ଦାବି ରହି ଆସିଥିଲା ବୋଲି ଉଦ୍‌ଘାଟନ ଅବସରରେ ବିଧାୟକ କହିଥିଲେ। ଏହାବ୍ୟତୀତ ଲୋଇସିଂହା କଲେଜର ପାଖାପାଖି ୧୬ଶହ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ସେଥିରୁ ୧ ହଜାର ଛାତ୍ରୀ ରହିଛନ୍ତି। ତେଣୁ ଏଠାରେ ବାଳିକା ଓ ବାଳକ ହଷ୍ଟେଲ ନିର୍ମାଣ ପାଇଁ ଉଦ୍ୟମ ଚାଲିଛି। ଏନେଇ ବିଭାଗୀୟ ମନ୍ତ୍ରୀ ଓ ସଚିବଙ୍କ ଦୃଷ୍ଟି ଆକର୍ଷଣ କରିଥିବା ସେ କହିଥିଲେ। ଏହି ଅବସରରେ କଲେଜ ଅଧ୍ୟକ୍ଷ ଗୋବିନ୍ଦ ସାହୁ, ଅଧ୍ୟାପକ ବିବେକାନନ୍ଦ ମିଶ୍ର, ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଉଦ୍‌ଘାଟନୀ ଉତ୍ସବକୁ ଭୂତନାଥ ନାଏକ ସଂଯୋଜନା କରିଥିଲେ।

## ମାଣିକେଶ୍ୱରୀ ମନ୍ଦିର ନିର୍ମାଣ ପାଇଁ ଭୂମିପୂଜନ

ଅମରପାଲି (ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଖଣ୍ଡହତା ନିଆଳି କୈବର୍ତ୍ତ ସମାଜ ପକ୍ଷରୁ ମାଣିକେଶ୍ୱରୀଙ୍କ ମନ୍ଦିର ପାଇଁ ଭୂମି ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୁରଣା ମନ୍ଦିରରୁ ମାଣିକେଶ୍ୱରୀଙ୍କ ପ୍ରତିମାଙ୍କୁ ଏକ ଶୋଭାଯାତ୍ରାରେ ଭୂମିପୂଜନସ୍ଥଳକୁ ନିଆଯାଇଥିଲା। ଏହି ଅବସରରେ ବିଭିନ୍ନ ଗ୍ରାମରୁ ଆସିଥିବା ନିଆଳି କୈବର୍ତ୍ତ ସମାଜର ସଦସ୍ୟମାନଙ୍କୁ ନେଇ ଏକ ବୈଠକ ହୋଇଥିଲା। ଏଥିରେ ମନ୍ଦିର ନିର୍ମାଣ କାର୍ଯ୍ୟ ଯଥାଶୀଘ୍ର ଆରମ୍ଭ କରିବା ଉପରେ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସଭାପତି ଏକା ନାଏକ, ସମ୍ପାଦକ ରମେଶ ଚନ୍ଦ୍ର ବାଘ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଶୈଳପୁତ୍ରୀ ବେଶରେ ସମଲେଶ୍ୱରୀ



ବରଗଡ଼ ଅଫିସ୍,୭।୧୦: ବରଗଡ଼ ଅଧିଷ୍ଠାତ୍ରୀ ଗ୍ରାମ୍ୟଦେବୀ ଭଗବତୀ ସମଲେଶ୍ୱରୀଙ୍କ ଶାରଦୀୟ ପୂଜନୋତ୍ସବ ଆରମ୍ଭ ହୋଇଛି। ଏହି କ୍ରମରେ ଗୁରୁବାର ଦେବୀ ଶୈଳପୁତ୍ରୀ ଓ ବ୍ରହ୍ମଚାରିଣୀ ବେଶରେ ଦର୍ଶନ ଦେଇଥିଲେ। ଦେବୀଙ୍କ ଏହି ବେଶରେ ଦର୍ଶନ କଲେ ମଙ୍ଗଳ ପ୍ରାପ୍ତି ହୁଏ ବୋଲି ଭକ୍ତଙ୍କ ବିଶ୍ୱାସ ରହିଛି। ଦେବୀଙ୍କୁ ଶୈଳପୁତ୍ରୀ, ବ୍ରହ୍ମଚାରିଣୀ ବେଶରେ ଦର୍ଶନ ପାଇଁ ଭକ୍ତମାନେ ମନ୍ଦିରକୁ ଆସିଥିଲେ। ସେମାନେ କୋଭିଡ୍ କଟକଣାରେ ଧାଡ଼ିବାନ୍ଧି ଦର୍ଶନ କରିଥିଲେ। ଶୁକ୍ରବାର ଦେବୀ ଚନ୍ଦ୍ରଘଣ୍ଟା ବେଶରେ ଦର୍ଶନ ଦେବାର କାର୍ଯ୍ୟକ୍ରମ ରହିଛି।

### ଦୁର୍ଗାପୂଜା ନେଇ ବୈଠକ

ଉଲୁଣ୍ଡା,୭।୧୦(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ଥାନାରେ ବ୍ଲକସ୍ତରୀୟ ଦୁର୍ଗାପୂଜା କମିଟି ଓ ପୋଲିସର ଏକ ବୈଠକ ହୋଇଯାଇଛି। ଉଲୁଣ୍ଡା ଥାନା ଆଇଆଇସି ଚନ୍ଦ୍ର ମୋହନ ସିଂଙ୍କ ସଭାପତିତ୍ୱରେ ହୋଇଥିବା ଏହି ବୈଠକରେ ବ୍ଲକର ବିଭିନ୍ନ ଗ୍ରାମର ପୂଜା କମିଟି ସଦସ୍ୟମାନେ ଯୋଗ ଦେଇଥିଲେ। ଚଳିତବର୍ଷ କୋଭିଡ କଟକଣାକୁ ଦୃଷ୍ଟିରେ ରଖି ଦୁର୍ଗାପୂଜାକୁ ନିରାଡମ୍ବର ଭାବରେ ପାଳନ କରିବା ପାଇଁ ଆଲୋଚନା ହୋଇଥିଲା। ପୂଜକ ଏବଂ ପୂଜା କମିଟି ସଦସ୍ୟମାନେ ମାସ୍କ ପରିଧାନ କରିବା ସହ ସମସ୍ତ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ବନ୍ଦ ରଖିବା ଏବଂ ଭସାଣି ଉତ୍ସବ ନିରାଡମ୍ବର ଭାବରେ ପାଳନ କରିବା ପାଇଁ ଆଇଆଇସି ସିଂ ପୂଜା କମିଟିର ସଦସ୍ୟମାନଙ୍କୁ ପରାମର୍ଶ ଦେଇଥିଲେ। ଶେଷରେ ଏସଆଇ ଟଙ୍କଧର ଛତ୍ରିଆ ଧନ୍ୟବାଦ ଦେଇଥିଲେ।

### ଜୀବନବିନ୍ଦୁ: ୩୦ ୟୁନିଟ୍ ରକ୍ତ ସଂଗ୍ରହ

ପାଇକମାଲ,୭।୧୦(ଡି.ଏନ.ଏ): ପାଇକମାଲ ବ୍ଲକ ମାଣ୍ଡିଆଡିପା ପଞ୍ଚାୟତ ଅଫିସ ପରିସରରେ ଜୀବନବିନ୍ଦୁ ପକ୍ଷରୁ ଏକ ରକ୍ତଦାନ ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭୋଜରାଜ ସିଂ ବରିହା ମୁଖ୍ୟ ଅତିଥି, ବରଗଡ଼ ଜିଲା ଯୁବ ବିଜେଡି ସଭାପତି ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ । ବ୍ଲକ ଅଧକ୍ଷ ଅଲତାପ ମହମ୍ମଦ, ପଦ୍ମପୁର ଏନଏସିର ପୂର୍ବତନ ଅଧକ୍ଷ ପ୍ରିତମ ମେହେର, ବ୍ଲକ ବିଜେଡି ସଭାପତି ରାଜେନ୍ଦ୍ର ରାଉତ, ବିଧାୟକ ପ୍ରତିନିଧି ହୃଦାନନ୍ଦ ବାରିକ, ବ୍ଲକ ଯୁବ ବିଜେଡି ସଭାପତି ଗୌତମ ସିଂ, ଦୀପକ ବୁଡେକ, ବ୍ଲକ ମହିଳା ବିଜେଡି ସଭାନେତ୍ରୀ କୁମାରୀ ବରିହା, ଭୈରବ ସେଠ, କ୍ଷୀରସାଗର ବରିହା, ଡୋଲାମଣି ମାହାର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ । ଶିବିରରେ ୩୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା ।

### ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ପକ୍ଷରୁ ନିଯୁକ୍ତି ମେଳା



ବୌଦ୍ଧ,୭।୧୦(ସ୍ୱ.ପ୍ର.): ଓଡିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ଓ ଓରମାସର ମିଳିତ ଆନୁକୂଲ୍ୟରେ ଗୁରୁବାର ଦିନ ହରଭଙ୍ଗା ବ୍ଲକର ବୀରନରସିଂହପୁର ନର୍ସରୀଠାରେ ଏକ ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଛି। ମେଳାରେ ବୌଦ୍ଧ ବ୍ଲକରୁ ୬୩ ଜଣ ଓ ହରଭଙ୍ଗା ବ୍ଲକରୁ ୧୮ ଜଣ ଯୁବତୀ ଯୁବକ ଯୋଗ ଦେଇଥିଲେ । ଏଥିରେ ସାହଣା କ୍ଲୋଥିଙ୍ଗ ଓ କ୍ୱେସ କର୍ପୋରେଶନ ଲିମିଟେଡ ଦ୍ୱାରା ୨୦ ଜଣ ଯୁବକ ଓ ୯ ଜଣ ଯୁବତୀଙ୍କୁ ତାଲିମ ଦେବା ପାଇଁ ଚୟନ କରାଯାଇଥିଲା। ଚୟନ ହୋଇଥିବା ଯୁବତୀଯୁବକମାନଙ୍କୁ ପ୍ଲମ୍ବର, ଇଲେକ୍ଟ୍ରିସିଆନ, କଲ ସେଣ୍ଟର, ହୋଟେଲ ମ୍ୟାନେଜମେଣ୍ଟ ଓ ସିଲେଇ ସଂସ୍ଥା ଗୁଡିକରେ ତାଲିମ ପ୍ରଦାନ କରାଯିବ । ମେଳାକୁ ଓରମାସ ଜିଲା ସଂଯୋଜକ ଅଜୟ କୁମାର ମେହେର, ଓଡିଶା ବନାଞ୍ଚଳର ଜିଲା ସଂଯୋଜକ ସୁରେନ୍ଦ୍ର କୁମାର ମେହେର ଓ ବୌଦ୍ଧ ବନାଞ୍ଚଳର କର୍ମଚାରୀମାନେ ପରିଚାଳନା କରିଥିଲେ ।

## ଜିଲା ପରିଷଦ ଷ୍ଟାଣ୍ଡିଂ କମିଟି-ଜି ବୈଠକ

# ଶିକ୍ଷା, କ୍ରୀଡ଼ା ବିକାଶକୁ ଗୁରୁତ୍ୱ

ବରଗଡ଼ ଅଫିସ୍,୭।୧୦

ବରଗଡ଼ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ଗୁରୁବାର ଜିଲା ପରିଷଦ ଷ୍ଟାଣ୍ଡିଂ କମିଟି-ଜିର ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ସଭ୍ୟ ଯୁବରାଜ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲା ପରିଷଦ ଅଧ୍ୟକ୍ଷା ମୁକ୍ତା ସାହୁ, ଉପାଧ୍ୟକ୍ଷ ମଦନ ଦୀପ, ଜିଲା ପରିଷଦ ସଭ୍ୟ ଶଙ୍କର ଖାଲକୋ, ଉମେଶ ବେହେରା, ଅଶୋକ ସାହୁ, କୁମୁଦିନୀ ସାହୁ, ନନ୍ଦିନୀ ବାରିକଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ବୈଠକରେ ଶିକ୍ଷା ଓ କ୍ରୀଡ଼ା ଉପରେ ଆଲୋଚନା ହୋଇ ଏହାର ବିକାଶକୁ ଗୁରୁତ୍ୱ ଦିଆଯାଇଥିଲା।

ଶିକ୍ଷା ବିଭାଗର ସମୀକ୍ଷା ବେଳେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୪୨ପ୍ରତିଶତ ଛାତ୍ରୀଛାତ୍ର ଅନ୍‌ଲାଇନରେ ଶିକ୍ଷା ଗ୍ରହଣ କରୁଛନ୍ତି ବୋଲି ସୂଚନା ଦିଆଯାଇଥିଲା। ଯେଉଁ ଗରିବ ଛାତ୍ରୀଛାତ୍ର ଅନ୍‌ଲାଇନ ଶିକ୍ଷାବାରୁ ବଞ୍ଚିତ ହେଉଛନ୍ତି ସେମାନଙ୍କୁ ଶିକ୍ଷାଦାନ ନେଇ ନିଆଯାଇଥିବା ପଦକ୍ଷେପ, ସ୍କୁଲ ମରାମତି, ନିର୍ମାଣ କାର୍ଯ୍ୟ, ମଧ୍ୟାହ୍ନ ଭୋଜନ ଚାଉଳର ମାନ, ଓଜନ ନିର୍ଦ୍ଧାରଣ ନେଇ ଉପାଧ୍ୟକ୍ଷ ଦୀପ ଉଦ୍‌ବେଗ ପ୍ରକାଶ କରିଥିଲେ। ଏ ଦିଗରେ ବିହିତ କାର୍ଯ୍ୟାନୁଷ୍ଠାନ ନେବାକୁ ଉପସ୍ଥିତ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ରାଧାକାନ୍ତ ଛତ୍ରୀଙ୍କୁ ସେ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ଟିକାକରଣ ଉପରେ ବୈଠକରେ ଆଲୋଚନା ହୋଇଥିଲା। ବିଭିନ୍ନ ସ୍କୁଲ ପରିସରରେ ପରିମଳ ବ୍ୟବସ୍ଥା ଭୁଷୁଡ଼ି ପଡ଼ିଥିବା ଯୋଗୁ ଜିଲା ପରିଷଦ ଅଧ୍ୟକ୍ଷା ସାହୁ ଉଦ୍‌ବେଗ ପ୍ରକାଶ କରିଥିଲେ। ଯେଉଁ ସ୍କୁଲରେ ଶୌଚାଳୟ, ପରିସ୍ରାଗାର ସୁବିଧା ନାହିଁ, ସେହି ସ୍କୁଲକୁ ଗସ୍ତ କରି ସମସ୍ୟାର ତ୍ୱରିତ ସମାଧାନ ପାଇଁ ଜିଲା ପରିଷଦ ଅଧ୍ୟକ୍ଷା ସାହୁ ନିର୍ଦ୍ଦେଶ ଦେଇଥିଲେ ।



ବୈଠକରେ ମଞ୍ଚାସୀନ ଜିଲା ପରିଷଦ ଅଧ୍ୟକ୍ଷା ଏବଂ ଅନ୍ୟମାନେ।

ବନବାସପାଲି ଏମ୍.ଇ ସ୍କୁଲରେ ଜଣେ ଶିକ୍ଷକଙ୍କ ଦ୍ୱାରା ଶିକ୍ଷାଦାନ ଚାଲୁଥିବାରୁ ସେଠାରେ ଅଧିକ ଶିକ୍ଷକ ନିଯୁକ୍ତି କରିବାକୁ ଜିଲା ପରିଷଦ ସଭ୍ୟ ବେହେରା ଦାବି କରିଥିଲେ। ସେହିପରି ବରଗଡ଼ର ଗୋବିନ୍ଦପାଲି, ଗାଇସିଲେଟ, ପଦ୍ମପୁର ଏବଂ ପାଇକମାଳ ବ୍ଲକରେ ଆଦର୍ଶ ବିଦ୍ୟାଳୟ କାର୍ଯ୍ୟ କରୁଥିବା ସୂଚନା ଦିଆଯାଇଥିଲା। ଉକ୍ତ ସ୍କୁଲ ଗୁଡ଼ିକରେ ଛାତ୍ରୀଛାତ୍ର ଯେଭଳି ସୁରକ୍ଷିତ, ଶୃଙ୍ଖଳିତ ଭାବେ ଶିକ୍ଷାଦାନ ପାଇପାରିବେ, ସେ ନେଇ ଆଲୋଚନା ହୋଇଥିଲା। ଜିଲାର ୧୨ଟି ବ୍ଲକରେ ମିନି ଷ୍ଟାଡ଼ିୟମ କାର୍ଯ୍ୟ ଶେଷ ହୋଇଛି ଏବଂ ସହରାଞ୍ଚଳର ୪ଟି ମିନି ଷ୍ଟାଡ଼ିୟମ ନିର୍ମାଣାଧୀନ ରହିଥିବା ବୈଠକରେ ସୂଚନା ଦିଆଯାଇଥିଲା। ଏହାସହିତ ଜିଲାରେ ୫ଟି ଇନ୍‌ଡୋର ଷ୍ଟାଡ଼ିୟମ ନିର୍ମାଣ କରାଯିବ ବୋଲି ଜିଲା କ୍ରୀଡ଼ା ଶିକ୍ଷାଧିକାରୀ ତୁଷାରକାନ୍ତି ମିଶ୍ର ସୂଚନା ଦେଇଥିଲେ। ବରଗଡ଼ରେ ସ୍ପୋର୍ଟ୍ସ ହଷ୍ଟେଲ ନିର୍ମାଣ ପାଇଁ ଜିଲା ପରିଷଦ ସଭ୍ୟ ଖାଲକୋ ଉପସ୍ଥିତ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଜିଲା ପରିଷଦ ସଭ୍ୟ ନନ୍ଦିନୀ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

## ଉନ୍ନୟନ କାର୍ଯ୍ୟର ରିପୋର୍ଟ ମାଗିଲା କଂଗ୍ରେସ

ବିନିକା, ୭।୧୦(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ କଂଗ୍ରେସର ଏକ ପ୍ରତିନିଧି ଦଳ ଗୁରୁବାର ବିଡିଓଙ୍କ ଅନୁପସ୍ଥିତିରେ ଏବିଡିଓ ବିଶ୍ୱମ୍ବର ମଲ୍ଲିକଙ୍କୁ ଭେଟ କରିଥିଲେ। ଗତ ସେପ୍ଟେମ୍ବର ୧ତାରିଖରେ ଦଳ ପକ୍ଷରୁ ବ୍ଲକର ସମସ୍ତ ୧୬ ପଞ୍ଚାୟତରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ବିଗତ ୫ବର୍ଷ ମଧ୍ୟରେ ପଞ୍ଚାୟତମାନରେ ହୋଇଥିବା ଉନ୍ନୟନମୂଳକ କାର୍ଯ୍ୟର ରିପୋର୍ଟ ପ୍ରଦାନ କରିବାକୁ ସମ୍ପୃକ୍ତ ପଞ୍ଚାୟତର ନିର୍ବାହୀ ଅଧିକାରୀ(ପିଇଓ)ମାନଙ୍କୁ ଦଳ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ମାତ୍ର ଏଯାଏ କୌଣସି ପଞ୍ଚାୟତର ନିର୍ବାହୀ ଅଧିକାରୀ ଉନ୍ନୟନମୂଳକ କାର୍ଯ୍ୟର ରିପୋର୍ଟ ପ୍ରଦାନ କରିନାହାନ୍ତି। ଏହାର ପ୍ରତିବାଦ କରି ଦଳୀୟ ନେତାମାନେ ଏବିଡିଓଙ୍କୁ ଫେରାଦ ହୋଇଥିଲେ। ଖୁବଶୀଘ୍ର ରିପୋର୍ଟ ପ୍ରଦାନ ନକଲେ ଦଳ ପକ୍ଷରୁ ବ୍ଲକ ଅଫିସରେ ସମ୍ମୁଖରେ ବିକ୍ଷୋଭ ପ୍ରଦାନ ସହ ତାଲା ପକାଇ ଦିଆଯିବ ବୋଲି ଚେତାବନୀ ଦେଇଥିଲେ। ଦଳର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରଦୀପ ସେଠୀ, ବ୍ଲକ କଂଗ୍ରେସ ସଭାପତି ରବିନ୍ଦ୍ର ହୋତ, କିଷାନ ସେଲ ସଭାପତି ନରେନ୍ଦ୍ର ପଣ୍ଡା, କିସାନ ସେଲ ସମ୍ପାଦକ ସ୍ୱପ୍ନେଶ୍ୱର ପୃଷ୍ଟି, ବରିଷ୍ଠ ନେତା ନରେନ୍ଦ୍ର ସାହୁ, ଛାତ୍ର ନେତା ଗୋବିନ୍ଦା ଝାଙ୍କର, ସୋସିଆଲ ମିଡିଆ ସଂଯୋଜକ ସୁମନ୍ତ ସାହୁ, ବିନିକା ନଗର ସଭାପତି ଟିକୁନ ମହାଲିଙ୍ଗ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ କଂଗ୍ରେସ ଦଳ ମାଗିଥିବା ରିପୋର୍ଟ ସପ୍ତାହକ ମଧ୍ୟରେ ପ୍ରଦାନ କରିବାକୁ ଜିଲାପାଳ ବିଡିଓଙ୍କୁ ଚିଠି କରିଥିବା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସେଠୀ କହିଛନ୍ତି।

# ବିକାଶ ନାମରେ ଅର୍ଥ ବାଟମାରଣା ଅଭିଯୋଗ

ବାଉଁଶୁଣୀ,୭।୧୦(ଡି.ଏନ.ଏ.)

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ପଲସାଗୋରା ଗ୍ରାମ ପଞ୍ଚାୟତ ବଘିଆବାହାଲ ଗ୍ରାମରେ ସରକାରୀ ପାଣ୍ଠିର ଦୁରୁପଯୋଗ ହୋଇଥିବା ନେଇ ଅଭିଯୋଗ ଆଣିଛନ୍ତି ଗ୍ରାମବାସୀ। ଏ ସମ୍ପର୍କରେ ଗ୍ରାମବାସୀ କଣ୍ଟାମାଳ ବିଡିଓଙ୍କ ଠାରୁ ଆରମ୍ଭ କରି ପ୍ରକଳ୍ପ ନିର୍ଦ୍ଦେଶକ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ୫-ଟି ସଚିବ, ଦୁର୍ନୀତି ନିବାରଣ ବିଭାଗ ବ୍ରହ୍ମପୁରଙ୍କ ନିକଟରେ ଅଭିଯୋଗ ଆଣିଛନ୍ତି। ଅଭିଯୋଗ ଅନୁଯାୟୀ ବଘିଆବାହାଲ-ଘୁଲୁଘୁଲାପଦର-ଜୁନାନୀ ରାସ୍ତାରେ ଗତ ୨୦୧୭-୧୮ ମସିହାରେ ପ୍ରଧାନମନ୍ତ୍ରୀ ସଡକ ଯୋଜନାରେ ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ରାସ୍ତା ନିର୍ମାଣ କରାଯାଇଛି। ତେବେ ଏହି ରାସ୍ତା କାମ ନିମ୍ନମାନର ହୋଇଛି । ଚୁକ୍ତି ଅନୁଯାୟୀ ଠିକା ସଂସ୍ଥା ଉକ୍ତ ରାସ୍ତାର ରକ୍ଷଣାବେକ୍ଷଣ କରିବା କଥା। ମାତ୍ର ତାହା କରାଯାଉ ନ ଥିବାରୁ ଜନସାଧାରଣ ଯିବା ଆସିବାରେ ଅସୁବିଧା ଭୋଗୁଛନ୍ତି। ସେହିପରି ଗ୍ରାମ ପଞ୍ଚାୟତ ପକ୍ଷରୁ ଜଣେ ବ୍ୟକ୍ତିଙ୍କ ଘରୋଇ ଜମି ମଧ୍ୟରେ ଅନାବଶ୍ୟକ ଭାବରେ ଗାର୍ଡ ୱାଲ ନିର୍ମାଣ କରାଯାଇଛି। ସେହିପରି ପଲସାଗୋରା ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପାଚେରି ନିର୍ମାଣ କାମ ୨୦୧୭-୧୮ ମସିହାରେ କରାଯାଇଥିଲା। ବର୍ତ୍ତମାନ ସେହି ପାଚେରି ଉପରେ ଆଉ ଅଢେଇ ଫୁଟ ଉଚ୍ଚ କରାଯାଇ ନୂତନ ଭାବରେ ନିର୍ମାଣ ହୋଇଥିବା ଦର୍ଶାଯିବା ପାଇଁ ମସୁଧା ଚାଲିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଉଭୟ କାର୍ଯ୍ୟ କେତେ ଟଙ୍କାରେ କେଉଁ ଅନୁଦାନରେ ହେଉଛି କାର୍ଯ୍ୟସ୍ଥଳରେ ସୂଚନା ଫଳକ ନ ଥିବାରୁ ଲୋକେ ଜାଣି ପାରୁନାହାନ୍ତି ବୋଲି ଅଭିଯୋଗ କରାଯାଇଛି । ଏହାର ଉଚ୍ଚ ସ୍ତରୀୟ ତଦନ୍ତ କରାଯିବାକୁ ଦାବି ହୋଇଛି।



ଘରୋଇ ଜମିରେ କରାଯାଇଥିବା ଗାର୍ଡୱାଲ ।

# ୭ ମାସ ପରେ ବି ପୋଲିସ ହାତ ଖାଲି

ବାଉଁଶୁଣୀ,୭।୧୦(ଡି.ଏନ.ଏ.)

**ଜୟରାମ ବନଛୋର ମୃତ୍ୟୁ ମାମଲା**

ବୌଦ୍ଧ ଜିଲା ବାଉଁଶୁଣୀ ଥାନା ଅଁଳାପାଲି ଗ୍ରାମ ପଞ୍ଚାୟତ ଗୁଡପଡା ଗ୍ରାମର ଜୟରାମ ବନଛୋରଙ୍କ ରହସ୍ୟଜନକ ମୃତ୍ୟୁ ମାମଲାର ତଦନ୍ତ ୭ ମାସ ପରେ ମଧ୍ୟ ଯେଉଁଠି ଥିଲା ସେଇଠି ରହିଛି । ଜୟରାମଙ୍କ ପରିବାର ପକ୍ଷରୁ ପୋଲିସ ବିଭାଗର ଉପରିସ୍ଥ ଅଧିକାରୀଙ୍କ ନିକଟରେ ବାରମ୍ବାର ଅଭିଯୋଗ ସତ୍ତ୍ୱେ ତଦନ୍ତ ଆଗେଇ ପାରୁନାହିଁ। ଥାନା ଅଧିକାରୀ ଘଟଣାର ଖୋଳତାଡ କରିବା ଦିଗରେ ଅଧିକ ତତ୍ପରତା ପ୍ରକାଶ କରୁ ନ ଥିବା ବେଳେ ମାମଲାକୁ ଚପାଇ ଦେବାର ଉଦ୍ୟମ ହେଉଥିବା ଜୟରାମଙ୍କ ପିତା ଗଣମାଧ୍ୟମ ନିକଟରେ ଅଭିଯୋଗ କରିଛନ୍ତି ସୂଚନାଯୋଗ୍ୟ, ଗୁଡପଡା ଗ୍ରାମର ଟ୍ରାକ୍ଟର ଚାଳକ ଜୟରାମଙ୍କ ମୃତଦେହ ଗତ ମାର୍ଚ୍ଚ ମାସ ୧୩ ତାରିଖ ସକାଳେ ବହିରା ଗ୍ରାମ ନିକଟ ଗୋଟିଏ ପଟାସ ଗଛରେ ଝୁଲୁଥିବା ଦେଖିବାକୁ ମିଳିଥିଲା । ପ୍ରଥମେ ଘଟଣାକୁ ଆତ୍ମହତ୍ୟା କୁହାଯାଉଥିଲା । ତେବେ ମୃତ ଜୟରାମଙ୍କ ପିତା ବିନୟ ବନଛୋର ତାଙ୍କ ପୁଅକୁ ହତ୍ୟା କରି ଗଛରେ ଝୁଲାଇ ଦିଆଯାଇଥିବା ବାଉଁଶୁଣୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ବାଉଁଶୁଣୀ ପୋଲିସ ଅଭିଯୋଗ ଆଧାରରେ ତଦନ୍ତ ନ କରିବାରୁ ମୃତକଙ୍କ ପିତା ବୌଦ୍ଧ ଏସଡିଜେଏମଙ୍କ ଅଦାଲତରେ ଅଭିଯୋଗ ଦାଖଲ କରିଥିଲେ । ମାନ୍ୟବର ଅଦାଲତ ମାମଲାର ବିଚାର କରି ହତ୍ୟା ମାମଲା ରୁଜୁ କରିବାକୁ ନିର୍ଦ୍ଦେଶ ଦେବା ପରେ ବାଉଁଶୁଣୀ ଥାନାରେ ଗତ ତା ୮।୪।୨୦୨୧ ରିଖରେ କେସ ନମ୍ବର୍ ୪୪ / ୨୦୨୧ ଦଫା ୩୦୨, ୨୦୧,୩୪ ରେ ହତ୍ୟା ମାମଲା ପଞ୍ଜୀକୃତ ହୋଇଥିଲା। ଅଦାଲତ ନିର୍ଦ୍ଦେଶରେ ମାମଲା ପଞ୍ଜୀକରଣ ହେବା ପରେ ମଧ୍ୟ ବାଉଁଶୁଣୀ ପୋଲିସ ତଦନ୍ତ ନ କରି ଚୁପ ରହିବା ଓ ଅଭିଯୁକ୍ତମାନଙ୍କୁ ପ୍ରମାଣ ନଷ୍ଟ କରିବା ପାଇଁ ସୁଯୋଗ ଦେଉଥିବା ଅଭିଯୋଗ କରି ଜୟରାମଙ୍କ ପିତା ବିନୟ ଗତ ତା୧୯।୪।୨୦୨୧ ରିଖରେ କ୍ରାଇମବ୍ରାଞ୍ଚ ମହାନିରୀକ୍ଷକଙ୍କ ସମେତ ପୋଲିସ ମହା ନିର୍ଦ୍ଦେଶକଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। କ୍ରାଇମବ୍ରାଞ୍ଚ ଏସ.ପି.ଙ୍କ ପତ୍ର ସଂଖ୍ୟା ୧୨୮/୨୦୨୧ ତା୧୧।୫।୨୧ରେ ମାମଲା ସମ୍ପର୍କରେ ବାଉଁଶୁଣୀ ପୋଲିସ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ସେ ସମ୍ପର୍କରେ ଜଣାଇବାକୁ ବୌଦ୍ଧ ଏସ.ପି.ଙ୍କୁ ଚିଠି ଲେଖିଥିଲେ। କିନ୍ତୁ ୭ ମାସ ମଧ୍ୟରେ ବାଉଁଶୁଣୀ ପୋଲିସ ତଦନ୍ତକୁ ସେଭଳି ତ୍ୱରାନ୍ୱିତ କରି ନ ଥିବା ମୃତକଙ୍କ ପରିବାର ପକ୍ଷରୁ ଅଭିଯୋଗ ହେଉଛି। ଅପରପକ୍ଷରେ ପୋଲିସ ନିଷ୍କ୍ରିୟତା ଓ ଅଭିଯୁକ୍ତମାନଙ୍କୁ ଘଣ୍ଟ ଘୋଡାଉ ଥିବା ପ୍ରତିବାଦରେ ବୌଦ୍ଧ ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ଆଗରେ ପରିବାର ସଦସ୍ୟ ଅନଶନରେ ବସିବାକୁ ପ୍ରସ୍ତୁତ ହେଉଥିବା ସୂଚନା ମିଳିଛି। ଏ ସମ୍ପର୍କରେ ବାଉଁଶୁଣୀ ଥାନା ଅଧିକାରୀ ସୁବାଷ ରାୟଗୁରୁଙ୍କୁ ପଚାରିବାରେ କୌଣସି ସନ୍ତୋଷଜନକ ଉତ୍ତର ଦେଇ ନ ଥିଲେ ।

## ଡ୍ରାଇଭର ସଂଘର ନୂତନ କର୍ମକର୍ତ୍ତା

ପଦ୍ମପୁର, ୭।୧୦(ଡି.ଏନ.ଏ.)

ବରଗଡ ଜିଲା ରାଜବୋଡାସମ୍ବର ଡ୍ରାଇଭର ସଂଘର ବୈଠକ ଓ କର୍ମକର୍ତ୍ତା ନିର୍ବାଚନ ଝାଙ୍ଗରପାଲି ଦୁଇମୁହାଣୀ ଆମ୍ବତୋଟାଠାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଡ୍ରାଇଭରମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ପରେ ସର୍ବସମ୍ମତିକ୍ରମେ ସଭାପତିଭାବେ ରାମକୃଷ୍ଣ ବରିହା, ଉପସଭାପତି ଈଶ୍ୱର ବାଗ, ସମ୍ପାଦକ ବିଦ୍ୟାଧର ସାହୁ, କୋଷାଧ୍ୟକ୍ଷ ବିଶ୍ୱ ଛଞ୍ଚାଣ ମନୋନୀତ ହୋଇଥିଲେ। କାର୍ଯ୍ୟକାରୀ କମିଟିକୁ ବିଦ୍ୟାଧର ସାହୁ, ଗଦାଧର ଜୁଆରି, ବିକାଶ ସାହା, ଶିବ ସାହୁ, ଭାଗିରଥୀ ବେହେରା, ଗଣେଶ ସାହୁ, ସୁମନ୍ତ ବର୍ଗାୀ, କମଲ ଯାଦବ, ପ୍ରେମାନନ୍ଦ ପଟେଲ, କାଳିଆ ଖର୍ସେଲ, ସୁଜିତ ନାଏକ ମନୋନୀତ ହୋଇଛନ୍ତି।

# ପାଇକମାଳରେ ଅଗ୍ରସେନ ଜୟନ୍ତୀ ପାଳିତ

ପାଇକମାଳ, ୭।୧୦(ଡି.ଏନ.ଏ)

ପାଇକମାଳ ସ୍ଥିତ ନୃସିଂହନାଥ ଧର୍ମଶାଳାଠାରେ ଅଗ୍ରୱାଲ ସମାଜ ତରଫରୁ ଗୁରୁବାର ଅଗ୍ରସେନ ଜୟନ୍ତୀ ପାଳିତ ହୋଇଯାଇଛି। ଏ ନେଇ ଅନୁଷ୍ଠିତ ସଭାରେ ଅଗ୍ରୱାଲ ସମାଜ ସଭାପତି ଅନୀଲ ଅଗ୍ରୱାଲ ଅଧ୍ୟକ୍ଷତା କରଥିଲେ। ମାରୱାଡି ଯୁବାମଞ୍ଚ ରାଜ୍ୟ ସଭାପତି ନରେଶ ଅଗ୍ରୱାଲ ମୁଖ୍ୟଅତିଥି, ପ୍ରତୀକ ଅଗ୍ରୱାଲ, ଆନନ୍ଦ ଶର୍ମା, ଅମିତ ଅଗ୍ରୱାଲ ସମ୍ମାନିତ ଅତିଥି ଭାବେ ଯୋଗଦାନ କରଥିଲେ। ରାଜ୍ୟ ମାରୱାଡି ଯୁବାମଞ୍ଚ ସଂଯୋଜକ ନୀଲେଶ ଅଗ୍ରୱାଲ ସଭା ପରିଚାଳନା କରଥିଲେ। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ସୁରେଶ ଅଗ୍ରୱାଲ, ନବିନ ଅଗ୍ରୱାଲ, ଆୟୁଷ ଅଗ୍ରୱାଲ, କବି ଅଗ୍ରୱାଲ, ରମେଶ ଅଗ୍ରୱାଲ, ଡା. କମଲେଶ ଅଗ୍ରୱାଲ, ଅମନ ଜିନ୍ଦଲ, ଗପୁ ଅଗ୍ରୱାଲ, ବିବେକ ଅଗ୍ରୱାଲ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ସୁମିତ ଅଗ୍ରୱାଲ ଧନ୍ୟବାଦ ଅର୍ପଣ କରିଥିଲେ।




ଅଗ୍ରସେନ ଜୟନ୍ତୀ ସଭାରେ ମଞ୍ଚାସୀନ ଅତିଥିବୃନ୍ଦ।

# ସୋନପୁରରେ ଅଗ୍ରସେନ ଜୟନ୍ତୀ

ସୋନପୁର,୭।୧୦(ନି.ପ୍ର.)

ସୋନପୁର ମାରୱାଡି ଧର୍ମଶାଳା ପରିସରରେ ଗୁରୁବାର ମହାରାଜା ଅଗ୍ରସେନଙ୍କ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ସ୍ଥାନୀୟ ମାରୱାଡି ଯୁବମଞ୍ଚ, ମାରୱାଡି ସମାଜ ଓ ମାରୱାଡି ମହିଳା ସମିତି ପକ୍ଷରୁ କୋଭିଡ୍ କଟକଣା ଭିତରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସକାଳେ ଅଗ୍ରକୁଳ ଶିରୋମଣି ଅଗ୍ରସେନଙ୍କର ପୂଜା ସହ ସନ୍ଧ୍ୟାରେ ବିଭିନ୍ନ ପ୍ରତିଯୋଗିତା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତା ମଧ୍ୟରେ ରଙ୍ଗୋଲି, ମେହେନ୍ଦି, ଫେନ୍ସି ଡ୍ରେସ, ନୃତ୍ୟ, ସୁନ୍ଦର ଲିଖନ, ମ୍ୟୁଜିକ୍ ଚେୟାର ଓ ସୁପରଡ୍ୟାନ୍ସ ଆଦିରେ ମହିଳା ଓ ପୁରୁଷ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ବିଳାସପୁରର ରୁଚିକା ତିୱାରୀ ଓ ସମ୍ବଲପୁରର କ୍ରିଷ୍ଣାଙ୍କ ଟିମ୍ ଭଜନ ପରିବେଷଣ କରିଥିଲେ। ମାରୱାଡି ସମାଜର ଅଧକ୍ଷ ଗୋପାଳ ଭୁତ ଅଗ୍ରସେନଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଅଗ୍ରସେନଙ୍କ ଚିନ୍ତାଧାରା, ସମାଜ ଓ ଦେଶ ପାଇଁ ଅଗ୍ରୱାଲା ସମାଜର ଭୂମିକା ଉପରେ ସେ ବକ୍ତବ୍ୟ ପ୍ରଦାନ କରିଥିଲେ। ମାରୱାଡି ଯୁବମଞ୍ଚର ମନୋଜ ଅଗ୍ରୱାଲା, ନନ୍ଦକିଶୋର କମାଣି, ଅଶୋକ ଭୂତ, ବଳରାମ ଅଗ୍ରୱାଲା, ଆନନ୍ଦ ଭୂତ, ନରେଶ ଅଗ୍ରୱାଲା, ମହେଶ ଅଗ୍ରୱାଲା, ଗୋପାଳ ଅଗ୍ରୱାଲା, ସନ୍ତୋଷ ଶର୍ମା, ଗୋବିନ୍ଦ ଅଗ୍ରୱାଲା, ମହେଶ ଭୂତ, ନନ୍ଦଲାଲ ଅଗ୍ରୱାଲା, ମୁନି ଅଗ୍ରୱାଲା, ମୀନା ଅଗ୍ରୱାଲା ଓ ଅନିତା ଭୂତ ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ସମାଜର ବୟସ୍କ ବ୍ୟକ୍ତିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା।



ଜୟନ୍ତୀ ଅବସରରେ ଭଜନ ପରିବେଷଣ କରାଯାଉଛି।

# ମରାମତି ହେଉନି ଚେକ୍‌ଡ୍ୟାମ ଆଡ଼ିବନ୍ଧ

ବିନିକା, ୭।୧୦(ଡି.ଏନ୍.ଏ.)

**ଫୁଲମୁଠୀ ଚେକ୍‌ଡ୍ୟାମ**
- ୬ମାସ ତଳେ ଭୁଶୁଡ଼ି ପଡ଼ିଥିଲା
- ନିମ୍ନମାନର ନିର୍ମାଣ ଅଭିଯୋଗ

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଚରଦା ପଞ୍ଚାୟତ ଅନ୍ତର୍ଗତ ଫୁଲମୁଠୀ ଚୌକିଯୋରର ୧ନଂ ଚେକ୍‌ଡ୍ୟାମର ଗୋଟିଏ ପାର୍ଶ୍ୱ ଆଡିବନ୍ଧ ଭୁଶୁଡି ପଡିଛି। ୬ମାସ ବିତି ଯାଇଥିଲେ ବି ଏହାର ମରାମତି କରାଯାଉନାହିଁ। ଏହାକୁ ନେଇ ଚେକଡ୍ୟାମ ତଳିଆ ଅଞ୍ଚଳରେ ଥିବା ଚାଷୀ ଓ ବସ୍ତି ବାସିନ୍ଦାଙ୍କ ମଧ୍ୟରେ ଭାଳେଣି ପଡିଛି। ନିମ୍ନମାନର ନିର୍ମାଣ ହୋଇଥିବା ଯୋଗୁ ଆଡିବନ୍ଧ ଭୁଶୁଡି ପଡିଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

ଚେକଡ୍ୟାମ ଦେଇ ପ୍ରାୟ ୧୦ଫୁଟ ଉଚ୍ଚତାରେ ପାଣି ତଳକୁ ପ୍ରବାହିତ ହୋଇଥାଏ। ଜଳ ପ୍ରବାହ ବେଗକୁ ନିୟନ୍ତ୍ରଣ କରିବା ପାଇଁ ଚେକଡ୍ୟାମର ଉଭୟ ପାର୍ଶ୍ୱରେ ଆଡିବନ୍ଧ ନିର୍ମାଣ କରାଯାଇଥିଲା । ଆର୍ଥିକ ବର୍ଷ ୨୦୧୮-୧୯ରେ ରାଜ୍ୟ ସରକାରଙ୍କ ଜଳ ସମ୍ପଦ ବିଭାଗ ଅନୁମୋଦନ କ୍ରମେ ସୁବର୍ଣ୍ଣପୁର ଜିଲା କ୍ଷୁଦ୍ର ଜଳସେଚନ ବିଭାଗ ଅଧୀନରେ ଫୁଲମୁଠୀ ଚୌକୀଯୋର ୧ନଂ ଚେକ୍‌ଡ୍ୟାମର ଉଭୟ ପାର୍ଶ୍ୱରେ ଆଡିବନ୍ଧ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ବ୍ୟୟ ଅଟକଳ ଥିଲା ୩୧ଲକ୍ଷ ୮୭ହଜାର ୯୭ଟଙ୍କା । ନିର୍ମାଣ କାର୍ଯ୍ୟ ତା୬।୨।୧୮ରେ ଆରମ୍ଭ ଓ କାର୍ଯ୍ୟ ସମାପ୍ତି ତା ୫।୬।୧୮ରିଖ ରହିଥିଲା । ମାତ୍ର ନିର୍ମାଣର ୩ବର୍ଷ ନ ପୂରୁଣୁ ଗୋଟିଏ ପାର୍ଶ୍ୱ ଭୁଶୁଡି ଯାଇଛି। ଭୁଶୁଡି ଯାଇଥିବା ଆଡିବନ୍ଧର ପଚନଃ ନିର୍ମାଣ ସହ ତଦାରଖରେ ଥିବା ଯନ୍ତ୍ରୀ ଓ ଠିକାଦାରଙ୍କ ବିରୋଧରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ଅଗ୍ରଣୀ ଚାଷୀ ପ୍ରମୋଦ ପଣ୍ଡା, ନିମାଇଁ ମହାକୁର, ଶିବ ନାରାୟଣ ନାୟକ, ଶରତ ଜଗଦଳା ପ୍ରମୁଖ ଦାବି କରିଛନ୍ତି।



ଭୁଶୁଡି ପଡିଥିବା ଚେକଡାମର ଆଡିବନ୍ଧ।

## ଦୁର୍ଗାପୂଜା ପାଇଁ ପ୍ରଶାସନିକ ବୈଠକ

ବରପାଲି,(ଡି.ଏନ.ଏ)

ବରଗଡ଼ ଜିଲା ବରପାଲି ଦୁର୍ଗାପୂଜା ପାଳନ ପାଇଁ ପ୍ରଶାସନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ତହସିଲ ଅଫିସ ପରିସରରେ ଅନୁଷ୍ଠିତ ଏହି ବୈଠକରେ ତହସିଲଦାର ଅକ୍ଷୟ କୁମାର ବାଗ ଅଧ୍ୟକ୍ଷତା କରିଥିଲେ। ବୈଠକରେ ସମଲେଶ୍ୱରୀ ମନ୍ଦିର କମିଟିଙ୍କ ସମେତ ବିଭିନ୍ନ ଅନୁଷ୍ଠାନର ପ୍ରତିନିଧିବୃନ୍ଦ ଉପସ୍ଥିତ ଥିଲେ। କୋଭିଡ୍ ଗାଇଡ୍ ଲାଇନ ମାନି ପୂଜା କରିବାକୁ ତହସିଲଦାର ବାଗ ପରାମର୍ଶ ଦେଇଥିଲେ। ପୂଜାବେଳେ ପରିମଳ ସମସ୍ୟା, ବିଦ୍ୟୁତ୍ ବିଭ୍ରାଟ, ବିଶୋଧନ ଆଦି ଉପରେ ମଧ୍ୟ ଆଲୋଚନା ହୋଇଥିଲା। ସ୍ୱାସ୍ଥ୍ୟ ଅଧିକାରୀ ରାକେଶ ବେହେରାଙ୍କ ସମେତ ଅଗ୍ନିଶମ କେନ୍ଦ୍ର ଏବଂ ଅନ୍ୟ ବିଭାଗର କର୍ମଚାରୀମାନେ ଉପସ୍ଥିତ ଥିଲେ।

## ଆଇନ ସହାୟତା ଶିବିର

ପଦ୍ମପୁର,୭।୧୦(ଡି.ଏନ.ଏ)

ବରଗଡ଼ ଜିଲା ପଦ୍ମପୁର ନିକଟସ୍ଥ ପୁରେନା ଗ୍ରାମରେ ପଦ୍ମପୁର ତାଲୁକ ଆଇନ ସେବା ପ୍ରାଧିକରଣ ସମିତି ଆନୁକୂଲ୍ୟରେ ଆଇନ ସହାୟତା ଶିବିର ବୁଧବାର ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଜିଲା ଦୌରା ଜଜ୍ ଅରବିନ୍ଦ ରଥ ଜନସାଧାରଣ କିପରି ମାଗଣାରେ ଆଇନ ସେବା ପାଇ ପାରିବେ ସେ ନେଇ ବୁଝାଇଥିଲେ। ଶିବିରରେ ଆଇନଜୀବୀ ଗୌତିଆ ସାହୁ, ଶାନ୍ତନୁ ତ୍ରିପାଠୀ, ସୁଶାନ୍ତ ରଥ, କିରାଣୀ ସିପୁନ ପାଣିଗ୍ରାହୀ ପ୍ରମୁଖ ଯୋଗଦାନ କରିଥିଲେ।